

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

## ୫

ଅହଂ ବ୍ରହ୍ମାସ୍ମି

ଧର୍ମ ଓ ଭଣ୍ଡବାବା

ମାନସିକ ସମସ୍ୟା

ବାବାମାର୍କା ନକଲିଧନ୍ଦା

ପୁଣି ଚର୍ଚ୍ଚାରେ କେନ୍ଦ୍ରାପଡ଼ା

ସେପ୍ଟେମ୍ବର, ୨୦୧୫ ସଂସ୍କରଣ

ଓଡ଼ିଆ ସାହିତ୍ୟରେ ସମାଲୋଚନା

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ

ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ମାସର ଏହି ସଂସ୍କରଣକୁ ଆପଣମାନଙ୍କୁ ଉପହାର ଦେଉଥିବା ବେଳେ ଖୁସିଲାଗେ ଯେ ଆମ ସହ ଅନେକ ବର୍ଷରୁ ଭଲ ସଂପର୍କ ରଖି ଅନେକ ବନ୍ଧୁ ଆମକୁ ଅନେକ ସୁଚନ୍ତିତ ଉପଦେଶମାନ ଦେଇ ଆସୁଛନ୍ତି ଏବଂ ସେମାନଙ୍କ ଉପଦେଶ ଅନୁସାରେ ଆମେ ଆହ୍ୱାନକୁ ସମୟ ସମୟରେ ସମୃଦ୍ଧ କରି ଆସିଛୁ । ଚଳିତ ସଂସ୍କରଣ ପ୍ରକାଶନ ହେବାର ଅନେକ ପୂର୍ବରୁ ବନ୍ଧୁ ଶ୍ରୀ ପ୍ରଶାନ୍ତ ଭୂୟାଁଙ୍କ ସହ କଥାବାର୍ତ୍ତା ସମୟରେ ସେ ମତ ଦେଇଥିଲେ ଯେ ସାଂପ୍ରତିକ ସମୟରେ ଯେମିତି ବାବା ଆଉ ମାତା ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି,



ଏହି ବିଷୟକୁ ଆଧାର କରି ଏକ ବିଶେଷ ଚର୍ଚ୍ଚାର ସମୟ ଆସିଛି, ତେଣୁ ଆମେ ଲେଖକ ଲେଖିକାମାନଙ୍କ ଠାରୁ ଏହି ବିଷୟରେ ନିଜସ୍ୱ ମତ ସମ୍ବଳିତ ଲେଖାମାନ ପଠାଇବାପାଇଁ ଅନୁରୋଧ କରିଥିଲୁ । ଯାହା ବର୍ତ୍ତମାନ ଏହି ସଂସ୍କରଣରେ ପ୍ରକାଶିତ ହୋଇଛି । ଅନେକ ନୂତନ ଓ କିଛି ଦକ୍ଷ ଲେଖକଙ୍କ କୃତିଦ୍ୱାରା ଆମର ଏହି ସଂସ୍କରଣ ସମୃଦ୍ଧ । ଆଶା କରୁଛି ଏହା ଆପଣ ମାନଙ୍କୁ ନିଶ୍ଚୟ ଭଲ ଲାଗିବ ।

ବିଗତ କିଛି ସପ୍ତାହ ହେଲା ଟିଭି ଖୋଲିଲେ ଲାଗୁଛି ଯେମିତି ଆମେ କୌଣସି ଖବର ଦେଖୁନାହୁଁ ବରଂ କୌଣସି ଯାତ୍ରା କିମ୍ବା ଚଳଚ୍ଚିତ୍ରର ଅଂଶ ହୋଇଯାଇଛୁ । ଜାତୀୟ ସ୍ତରରେ ଇନ୍ଦ୍ରାଣୀ ମୁଖାର୍ଜୀ ହୁଅନ୍ତୁ ବା ରାଧେ ମା, ରାଜ୍ୟ ସ୍ତରରେ ସାରଥୀ ହୁଅନ୍ତୁ ବା ସୁରବାବା, ସବୁ ଯେମିତି ଆମର ମନୋରଞ୍ଜନ ପାଇଁ ହି ଗୋଟିଏ ଗୋଟିଏ ଖବର ହୋଇଯାଇଛନ୍ତି । ଓଡ଼ିଶାର ଗଣମାଧ୍ୟମ ବିଗତ

ଅନେକ ସପ୍ତାହ ହେବ ଏମିତ ଏହ ବାବା ମାନଙ୍କ କେଳେଙ୍କାରୀ ଓ ଦୌରାତ୍ମ୍ୟର ଖବର ପ୍ରସାରଣରେ ବ୍ୟସ୍ତ ରହଛ ସତେ ଯେମିତ ଦେଶଦୁନଆରେ ଆଉ କୌଣସି ଖବର ଏହ ଖବର ଆଗରେ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉନାହିଁ । ଅବଶ୍ୟ ଦର୍ଶକଙ୍କ ଗୃହଦାକୁ ଆଖିଆଗରେ ରଖି ଏମାନେ ଏହା ସବୁ ପ୍ରସାରଣ କରୁଛନ୍ତ । ନାରୀ, କୁକର୍ମ, ଅର୍ଥ ଏହ ସବୁ ବଷୟ ପ୍ରତ ପ୍ରାୟତଃ ସମସ୍ତ ବ୍ୟକ୍ତିଙ୍କ ଦୃଷ୍ଟିକୋଣ ଅଲଗା ଅଲଗା ଥାଏ, ତଥାପି ସମସ୍ତେ ଏହ ପ୍ରକାରର ଖବର ଦେଖିବାକୁ ଆଉ ଜାଣିବାକୁ ବ୍ୟାକୁଳ ହୋଇଥାନ୍ତ ତାହା ଏହ ଚ୍ୟାନେଲ ଚଳାଉଥିବା ମହାନୁଭବମାନେ ଉପଲବ୍‌ଧି କରସାରଲେଣି । ତେଣୁ ଏହ ସବୁ ଖବର ଗଣମାଧମରେ ଶିରୋନାମାମଣ୍ଡନ କରଥିଲେ ।

ବଗତ ମାସରେ ଓଡ଼ିଶାରୁ ପ୍ରକାଶିତ ଏକ ଦୈନକ ଖବରକାଗଜରେ ଜନୈକ ବାବାଙ୍କ ବଷୟରେ ଆପତ୍ତିଜନକ ଖବର ପ୍ରକାଶିତ ହୋଇଥିଲା ଏବଂ ଏହାପରେ ପରେ ଏକ ଘରୋଇ ଖବର ଚ୍ୟାନେଲରେ ଏହାକୁ ନେଇ ଏକ ବସ୍ତୃତ ରପୋର୍ଟ ପ୍ରକାଶ ପାଇଲା । କେନ୍ଦ୍ରାପଡାରେ ରହୁଥିବା ଏବଂ ନଜକୁ ପ୍ରଭୁ ବଷ୍ଣୁଙ୍କ ଅବତାର ବୋଲ ଘୋଷଣା କରଥିବା ସାରଥୀବାବା ଜନୈକା ମହଳାଙ୍କ ସହ ହାଇଦ୍ରାବାଦରେ ଏକ ବଳାଶପୂର୍ଣ୍ଣ ହୋଟେଲରେ ରହଣୀ ବଷୟକୁ ଏହ ଖବରରେ ଉନ୍ମୋଚନ କରାଯାଇଥିଲା । ଏହାପରେ ପରେ ଅନେକ ଘଟଣା ଘଟିଯାଇଥିଲା । ପ୍ରଥମେ ପ୍ରଥମେ ଏହାକୁ ମିଛ କହୁଥିବା ବାବାଙ୍କୁ ସେତେବେଳେ ଝଟ୍‌କା ଲାଗିଥିଲା ଯେତେବେଳେ ସଂପୃକ୍ତା ମହଳା ଗଣମାଧମରେ ଆସି କହଥିଲେ ଯେ ସେ ବାବାଙ୍କ ସହ ହାଇଦ୍ରାବାଦ ଯାଇଥିଲେ । ଏହାପରେ ଉତ୍ୟକ୍ତ ଜନସାଧାରଣ କେନ୍ଦ୍ରାପଡ଼ାରେ ଥିବା ବାବାଙ୍କ ଆଶ୍ରମରେ ଜବରଦସ୍ତି ପଶିବାକୁ ଚେଷ୍ଟା କରଥିଲେ, ଏବଂ ପୋଲସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫଳରେ ଅନେକ ଆହତ ହୋଇଥିଲେ । ଶେଷରେ ରାଜ୍ୟ ସରକାର ଅନ୍ୟୋପାୟ ନ ହୋଇ ବାବାଙ୍କ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରବାପାଇଁ ନର୍ଦ୍ଦେଶ ଦେଇଥିଲେ ଏବଂ ବାବାଙ୍କୁ ଗିରଫ କରାଯାଇଥିଲା । ସେବେଠାରୁ ବାବାଙ୍କୁ ଘନ ଘନ ଜେରା ଚାଲଥିଲା ବେଳେ ପରେ ପରେ ଅନେକ ଗୁମର କଥା ବାହାରକୁ ଆସିଥିଲା । ଧର୍ମ ନାମରେ ଭକ୍ତର ଭାବାବେଗ ସହ ବାବା କେମିତ କେଳେଙ୍କାରୀ କରଥିଲେ ସେ ସବୁ ବଷୟ ଗୋଟିଏ ପରେ ଗୋଟିଏ ବାହାରକୁ ଆସିବାକୁ

ଲାଗିଥିଲା । ଏହି ମାମଲା ପରେ ନିଜକୁ ଭଗବାନଙ୍କ ଅବତାର କୁହାଉଥିବା ଅନେକ ବାବାଙ୍କ ଉପରେ ଜନସାଧାରଣ ସନ୍ଦେହ କରିବା ଆରମ୍ଭ କରିଦେଇଥିଲେ ।

ସାରଥୀ ଘଟଣାର କିଛି ଦିନପରେ ହଠାତ୍ ଦିନେ ଭୁବନେଶ୍ୱର ପୁରୀ ରାସ୍ତାରେ ପଡୁଥିବା ଝିଇଁଟିଶାସନସ୍ଥିତ ତ୍ରାହି ଅଚ୍ୟୁତ ଆଶ୍ରମ ସମ୍ମୁଖରେ ଉତ୍ୟକ୍ତ ଭିଡ଼ ଉପରେ ବାବାଙ୍କ ସୁରକ୍ଷାରେ ନିୟୋଜିତ କର୍ମୀ ଓ ମହିଳାମାନେ ଆକ୍ରମଣ କରିବାପରେ ହଠାତ୍ ଭିଡ଼ ଉତ୍ୟକ୍ତ ହୋଇପଡ଼ି ଆଶ୍ରମ ପରିସରରେ ଲଙ୍କାକାଣ୍ଡ ଘଟାଇଥିଲା । ଏବଂ ବାଧହୋଇ ସରକାର ଏହି ମାମଲାକୁ ମଧ କ୍ରାଇମବ୍ରାଞ୍ଚ ହାତକୁ ଟେକି ଦେଇଥିଲେ । ଆଶ୍ରମରେ ସ୍ୱୟଂଘୋଷିତ ଭଗବାନ ଓରଫ ସୁରେନ୍ଦ୍ର ମିଶ୍ର ବା ସୁରବାବା ସମେତ ତାଙ୍କର ଦୁଇ ପୁଅ ବର୍ତ୍ତମାନ ଗିରଫ ହୋଇ ତଦନ୍ତରେ ସହଯୋଗ କରୁଥିବା ଗଣମାଧ୍ୟମରେ ପ୍ରକାଶ ।

ଏହି ଦୁଇଟି ମାମଲା ପରେ ସମଗ୍ର ରାଜ୍ୟରେ ଥିବା ଅଗଣିତ ଆଶ୍ରମ ଓ ସେହି ଆଶ୍ରମରେ ପତିଆରା ଜମାଇ ଜନ ସାଧାରଣଙ୍କୁ ଧର୍ମ ଓ ନୀତିଶିକ୍ଷା ଦେଉଥିବା ବାବା ଓ ମାତାମାନଙ୍କ ଅବସ୍ଥା ଅସୁବିଧାଜନକ ହୋଇପଡ଼ିଛି । ଅନେକ ଆଶ୍ରମକୁ ଉତ୍ୟକ୍ତ ଲୋକମାନେ ଜାଳି ଦେଇଛନ୍ତି କିମ୍ବା ଲୁଟ୍ କରିନେଇଛନ୍ତି । ହେଲେ ଉପରୋକ୍ତ ଉଭୟ ବାବା ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ ଲୋକମାନଙ୍କୁ ଠକି ଚାଲିଥିଲେ ସୁଦ୍ଧା କେମିତି କେହି କେବେ ବି ସେମାନଙ୍କ ବିରୋଧରେ ଆପତ୍ତି ବା ଅଭିଯୋଗ ଆଣିଲେ ନାହିଁ, ତାହା ନିଶ୍ଚୟ ଭାବେ ତଦନ୍ତସାପେକ୍ଷ ବିଷୟ । ଯଦି ପ୍ରଥମରୁ ହିଁ ଏହିପରି ଅଧର୍ମୀ ଓ କୁକର୍ମି ବାବାଙ୍କୁ କାବୁ କରାଯାଇଥାନ୍ତା ତା ହେଲେ ହୁଏତ ଆଜି ପରି ଅବସ୍ଥା ଦେଖିବାକୁ ମିଳିନଥାନ୍ତା ।

ସାଧାରଣତଃ ଆମ ଦେଶର ଲୋକମାନେ ଧର୍ମଭୀରୁ । ସେଇଥିପାଇଁ ଅଦାଲତରେ ସତ୍ୟ ଉପସ୍ଥାପନ କରିବାପାଇଁ ଭଗବତ ଗୀତାର ସାହାଯ୍ୟ ନିଆଯାଏ ବୋଧହୁଏ । କାରଣ ଧର୍ମକୁ ଡରୁଥିବା ପ୍ରତ୍ୟେକ ବ୍ୟକ୍ତି ସେହି ମହାନ ପୁସ୍ତକକୁ ଛୁଇଁଦେଇ କେବେ ମିଛ କହିବ ନାହିଁ ବୋଲି ଧାରଣା ରହିଛି । ଅବଶ୍ୟ ତାହା କେତେଦୂର ସତ ତାହା ଆମେ କହି ପାରିବୁନାହିଁ । କିନ୍ତୁ ଏହି ଧାରଣା ଯେ ଅନେକ ବର୍ଷରୁ ଚାଲି ଆସିଛି, ତାହା କେବଳ ଏତିକି ପ୍ରତିପାଦିତ କରୁଛି ଯେ ଆମେ ଧର୍ମକୁ ବହୁତ

ଡରୁ । ସେଇଥିପାଇଁ କବିତା, ଗଳ୍ପ, ଭଜନ ସବୁ ଲେଖା ହୋଇଛି, ସବୁଠି ଧର୍ମକୁ ଉଚ୍ଚ ସ୍ଥାନ ଦିଆଯାଇଛି । ଆମ ଲୋକମାନେ ଘରେ ବୃଦ୍ଧ ପିତାମାତାଙ୍କ ଔଷଧ କିଣାପାଇଁ ଟଙ୍କା ନଥିବା କଥା କହନ୍ତି, କିନ୍ତୁ ମନ୍ଦିର ତୋଳାଯାଉଥିବା ବେଳେ ଅଯାଚିତ ଭାବେ ଦାନ କରିଥାନ୍ତି । କାରଣ ମରିବା ପରେ କାଳେ କେବଳ ଧର୍ମ ହିଁ ସାକ୍ଷୀ ରହେ ବୋଲି କୁହାଯାଇଛି । ହେଲେ ଧର୍ମ କଣ ତାହା ହୁଏତ ଆମ ଜନସାଧାରଣ ହୃଦୟଙ୍ଗମ କରିପାରି ନାହାନ୍ତି ।

ସାଧାରଣ ଏବଂ ଅଣପାଠୁଆ ଲୋକମାନଙ୍କ ପାଇଁ ଧର୍ମ ହେଉଛି ମନ୍ଦିରକୁ ଯିବା, ଦୀପ ଜାଳିବା, ନଡ଼ିଆ ଭାଙ୍ଗିବା ଆଉ ନିଜର ସୁଖଦୁଃଖ କଥା ଭଗବାନଙ୍କୁ ଜଣାଇବା । ଆଉ ପୁରୋହିତ ଯଦି କହିଲେ ତା ହେଲେ ପ୍ରତିକାର ପାଇଁ ଉପାୟ କରିବା । ଏହି ଧର୍ମ ନାଁରେ ଆଜି ଦୁନିଆକୁ ଖଣ୍ଡ ଖଣ୍ଡ କରିବାକୁ ଅନେକ ବିଧର୍ମୀ ଲୋକ ଆଗଭର ହେଲେଣି । ହିନ୍ଦୁ, ମୁସଲମାନ, ଶିଖ୍, ଖ୍ରୀଷ୍ଟିୟାନ୍, ଜୈନ୍ ଏମିତି କେତେ କଣ ନାଁରେ ଧର୍ମମାନ ଗଢ଼ିଉଠିଛି । ପ୍ରତ୍ୟେକ ଧର୍ମରେ ଧର୍ମଭୀରୁ ଅଛନ୍ତି । ସେଇଥିପାଇଁ ଏହି ଭଣ୍ଡବାବାମାନଙ୍କର ଆବିର୍ଭାବ ହେଉଛି । ବିଭିନ୍ନ ପ୍ରକାରର ଚମତ୍କାରୀ ଯାଦୁବିଦ୍ୟା କୌଶଳକୁ ପ୍ରଦର୍ଶନ କରାଇ ଏହି ବାବାମାନେ ନିରୀହ ଲୋକମାନଙ୍କୁ ଠକୁଛନ୍ତି । ଆଉ ଆମ ଜନସାଧାରଣ ଠକି ହେଉଛନ୍ତି ।

ଜ୍ଞାନ ବିଜ୍ଞାନର ଏହି ଯୁଗରେ ସୂଚନା ପ୍ରଯୁକ୍ତି ବିଜ୍ଞାନର ଏତେ ପ୍ରଗ୍ରର ଓ ପ୍ରସାର ସତ୍ତ୍ୱେ ଆମ ଲୋକମାନେ ବର୍ତ୍ତମାନ ସୁଦ୍ଧା ନିଜର ସାଧାରଣ ଜ୍ଞାନକୁ ବଢ଼ାଇ ପାରିଲେ ନାହିଁ । ହାଡ଼ମାଂସର ଶରୀର ଧାରଣ କରିଥିବା ଲୋକଟିଏ ଯଦି ନିଜକୁ ଭଗବାନ ବୋଲି ଘୋଷଣା କରୁଛି, ତା ହେଲେ ତା ଉପରେ ବିଶ୍ୱାସ କରୁଛ କେମିତି ? ମ୍ୟାଜିକ୍ ଦେଖାଇଲେ କଣ ସମସ୍ତେ ଭଗବାନ ହୋଇଯିବେ ? ଅତୀତରେ ସମାଜକୁ କଳୁଷିତ ହେବାରୁ ରକ୍ଷା କରିବାପାଇଁ କିଛି ସାଧୁ ଓ ମହାତ୍ମାମାନେ ନିଜର ଦୀର୍ଘ ତପସ୍ୟାପରେ ସମାଜରେ ଆସି ଲୋକମାନଙ୍କୁ ନୀତିବାଣୀର ଶିକ୍ଷା ଦେଉଥିଲେ, ପରେ ପରେ ଅନେକ ସାଧୁ ମହାତ୍ମା ମହନ୍ତ ବା ମହାରାଜ ଭାବରେ ଜନପଦ ମାନଙ୍କରେ ରହି ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ଆଜି ମଧ୍ୟ ଓଡ଼ିଶାର ଅଧିକାଂଶ ଗ୍ରାମାଞ୍ଚଳରେ କୋଠଘର ବା ମଠ ଦେଖିବାକୁ

ମିଳେ, ଏବଂ ପ୍ରତ୍ୟେକ ଗାଁରେ ଥିବା ଏହି କୋଠ ବା ମଠର ଜଣେ ଜଣେ ମହନ୍ତ ଥାଆନ୍ତି, ଯେଉଁମାନେ ସମୟ ଅସମୟରେ ଆସି ଗାଁ ଲୋକମାନଙ୍କୁ ସାହାଯ୍ୟ କରଥାନ୍ତି । ସେମାନେ ନିଷ୍ଠାପର ଜୀବନଯାପନ କରନ୍ତି । ଗାଁର ଲୋକମାନେ ମହନ୍ତଙ୍କୁ ବହୁତ ମାନନ୍ତି ।

ହେଲେ ବିଗତ ଅନେକ ଦଶନ୍ଧିରେ ବିଜ୍ଞାନ ଯେତେ ପ୍ରସାର ହୋଇଥିଲେ ସୁଦ୍ଧା ଏହି ବାବା ମାନଙ୍କ ଆଧିପତ୍ୟରେ ସମାନ୍ତରାଳ ଅଭିବୃଦ୍ଧି ଦେଖିବାକୁ ମିଳିଛି ଏବଂ ଆଶ୍ଚର୍ଯ୍ୟ ଲାଗୁଛି ଯେ କିଛି ବାବା ଆଜିକାଲି ସୂଚନା ପ୍ରଦ୍ୟୋଗିକୀ ଜ୍ଞାନକୁ ସଫଳତାର ସହ ବ୍ୟବହାର କରି ନିଜର ପ୍ରତିପତ୍ତି ବୃଦ୍ଧି କରିବାରେ ଲାଗିଛନ୍ତି । ଫେସବୁକ୍, ଟ୍ୱିଟର୍, ଆଦି ସୋସିଆଲ୍ ନେଟୱାର୍କିଂ ସାଇଟ ମାନଙ୍କରେ ବାବାମାନଙ୍କର ବିଶେଷ ପୃଷ୍ଠାମାନ ରହିଛି । ଏହି ସବୁ ସାଧନକୁ ବ୍ୟବହାର କରି ଏହି ବାବାମାନେ ନିଜର ଆଧିପତ୍ୟ ବୃଦ୍ଧି କରି ଚାଲିଛନ୍ତି । ଏବେ କିନ୍ତୁ ସମୟ ଆସିଛି, ଏବଂ ଓଡ଼ିଶାରେ ଧରାପଡ଼ିଥିବା ଅତି ବିଶିଷ୍ଟ ବାବାମାନଙ୍କର କଳା କାରନାମାକୁ ଦେଖିବାପରେ ଜନସାଧାରଣ ଶିକ୍ଷିତ ହେବାକୁ ହେବ, ଏବଂ ଏହିପରି ଶଠ ସଇତାନ ମାନଙ୍କୁ ଉଚିତ ଶିକ୍ଷା ଦେବାକୁ ପଡ଼ିବ ।

ଆଶା କରୁଛି ଏହି ସଂସ୍କରଣ ସମସ୍ତଙ୍କ ମନକୁ ପାଇବ । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା- ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

# ଚଳିତ ସଂସ୍କରଣରେ...


| | | | |
|---|---|---|---|
| ଜୟ ଦାରୁବ୍ରହ୍ମ<br>*ହିମାଂଶୁ ଶେଖର ବାରିକ* | ୧୧ | ଧର୍ମ ଓ ଭଣ୍ଡବାବା : ମାନସିକ ସମସ୍ୟା<br>*ଡା ସମ୍ରାଟ କର* | ୩୨ |
| ଦୁଇଟି କବିତା<br>*ଅମିତାଭ ସାହୁ* | ୧୩ | ମୁଁ କିଏ !!!<br>*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ* | ୩୮ |
| ମରଣ<br>*ଶୁଭ୍ରାଂଶୁ କୁମାର ବିଶ୍ବାଳ* | ୧୫ | ଆକ୍ରମଣ<br>*ଭଗିରଥୀ ବେହେରା* | ୩୯ |
| ବାବାମାର୍କା ନକଲ ଧନ୍ଦା<br>*ବାଲ୍ମୀକି ନାୟକ* | ୧୬ | ଅହଂ ବ୍ରହ୍ମାସ୍ମି... !!!<br>*ପ୍ରଶାନ୍ତ ଭୂୟାଁ* | ୪୧ |
| ଦୁଃଖ ତ ଆସୁଛି ମାଡ଼ି<br>*କ୍ଷେତ୍ରବାସୀ ଜେନା* | ୨୦ | କାହିଁକି ଏ ଜୀବନ<br>*ଉପାସନା ଦାସ* | ୪୯ |
| ଆହ୍ୱାନ<br>*ଜୟନ୍ତୀ ବେହେରା* | ୨୨ | ପ୍ରିୟା ତୋ ପାଇଁ<br>*ପ୍ରଶାନ୍ତ କୁମାର ନାଥ* | ୫୦ |
| ପ୍ରେମ<br>*ଶିଶିର କୁମାର ସାମଲ* | ୨୪ | ରାତ୍ରୀର ଦୁଃଖ<br>*ତୁଳସୀ ସାହୁ* | ୫୧ |
| ମୋ ଦୃଷ୍ଟିରେ ବାବା<br>*ନିରୁପମା ମହାନ୍ତ* | ୨୫ | ପୁଣି ଚର୍ଚ୍ଚାରେ କେନ୍ଦ୍ରାପଡ଼ା<br>*ଡା ସୌମ୍ୟରଞ୍ଜନ ମିଶ୍ର* | ୫୨ |
| ନଟଖଟ କାହ୍ନା<br>*କମଳକାନ୍ତ ସୁବୁଦ୍ଧି* | ୨୭ | ପ୍ରତିଦାନ<br>*ଅନିଲ ବୋଇତ* | ୫୪ |
| ଓଡ଼ିଆ ସାହିତ୍ୟରେ ସମାଲୋଚନା<br>*ଗବେଷିକା ରଞ୍ଜିତା ପାତ୍ର* | ୨୮ | ଅକୁହା କଥା<br>*ଅନୁପମ ବେହେରା* | ୫୯ |


**http://www.facebook.com/odiaparibar**

ତକ୍ତ ମଧୁର ୬୦
*ଶଙ୍କର*
ଅନାଗତ ଭବିଷ୍ୟତ ୬୨
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*
ସମୀକ୍ଷା : ଏକା ଏକା ହୃଦୟ ୬୯
*ଜୟନ୍ତୀ ବେହେରା*
ଅନାବନା ୭୩
*ଅନୁପମ ବେହେରା*
କିଛି ବ୍ୟଙ୍ଗ କବିତା ୭୪
*ବ୍ୟଙ୍ଗକବି ମିଷ୍ଟର୍. ଅସମ୍ଭାଳ (କୁତୁକୁତୁ)*



# ଅନୁସନ୍ଧାନ

ଭଣ୍ଡବାବା ମାନଙ୍କ ବିଷୟରେ ପ୍ରକାଶିତ ଏହି ସଂସ୍କରଣ କେମିତି ଲାଗିଲା ଆମକୁ ଲେଖି ଜଣାନ୍ତୁ ।

# ପବିତ୍ର ଗଣେଶ ପୂଜା

ପବିତ୍ର ଗଣେଶ ପୂଜା ଓ ନୂଆଖାଇ ଗଣପର୍ବ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।
ଭଗବାନ ସମସ୍ତଙ୍କର ମଙ୍ଗଳ କରନ୍ତୁ !!!

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ଅକ୍ଟୋବର) ଦଶ ତାରିଖରେ ପ୍ରକାଶିତ ହେବ, ନିଜ ଲେଖା ପତ୍ରିକାରେ ପ୍ରକାଶିତ କରିବା ଇଚ୍ଛୁକ ଲେଖକଲେଖିକା ନିଜ ଲିଖିତ କୃତିକୁ ଆମ ନିକଟକୁ ଇମେଲ୍‌ଦ୍ୱାରା ପଠାଇ ପାରିବେ କିମ୍ବା ଚିଠିଦ୍ୱାରା ପଠାଇ ପାରିବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।

**http://www.facebook.com/groups/aahwaan**

# ଜୟ ଦାରୁବ୍ରହ୍ମ

ହିମାଂଶୁ ଶେଖର ବାରିକ୍



ଜୟ ଜୟ ଜଗନ୍ନାଥ ଜୟ ଦାରୁବ୍ରହ୍ମ

ଅଲୌକିକ ଲୀଳା ତବ ହେ ପରମବ୍ରହ୍ମ (୧)

ମହୋଦଧି କୂଳେ ନୀଳାଚଳ ପରବତ

ପୁଣ୍ୟ ଶଙ୍ଖକ୍ଷେତ୍ର ମଧ୍ୟେ ଶ୍ରୀମନ୍ଦିର ସ୍ଥିତ (୨)

ଚତୁର୍ଦ୍ଧା ମୂରତି ଯେ ହେଉଛନ୍ତି ପୂଜିତ

ସୁଦର୍ଶନ ସୁଭଦ୍ରା ବଳଭଦ୍ର ସହିତ (୩)

ପାର୍ଶ୍ୱଦେବଗଣ ମଧ୍ୟ ଏଠି ବିରାଜିତ

ସନାତନ ଧର୍ମସାର ହୋଇଛି ଖୋଦିତ (୪)

ମାନବୀୟ ଲୀଳା ରଚୁ ଅଛନ୍ତି ଠାକୁର

ମଣିଷ ସମାନ ଧରି ନବକଳେବର (୫)

ମଣିଷ ଭଳି ଭୋଜନ ପାନୀୟ ଶୟନ

ଲୀଳାଖେଳା କରୁଅଛନ୍ତି ଚକାନୟନ (୬)

ବାରମାସେ ତେର ଯାତ ନିତ୍ୟ ପୂଜା ବିଧି

ସମ୍ପନ୍ନ ହୋଇଣ ଥାଏ ମାନବୀୟ ଭାନ୍ତି (୭)

ବରଷକେ ଥରେ ମାଉସୀମା ଦରଶନ

ଗୁଣ୍ଡିଚା ଯାତ ନାମରେ ଜାଣଇ ଯେ ଜନ (୮)

ଲୀଳାମୟ ପରମାତ୍ମା ଶ୍ରୀପୁରୁଷୋତ୍ତମ

ଲୀଳା ତବ ବର୍ଣ୍ଣିବାକୁ କଏ ବା ସକ୍ଷମ (୯)

କେତେ ସନ୍ଥ ମୁନି ଋଷି ଭକତ ପ୍ରବର

ରଚି ନ ପାରି ହାରିଲେ ଅସ୍ତିତ୍ୱ ନିଜର (୧୦)

ତୋହର ଲୀଳା ପ୍ରଭୁ ତୋତେ ଯେ ଅଗୋଚର

କିପରି ଜାଣିବ ମୁହିଁ ହୋଇ ଛାର ନର (୧୧)

ତୋହର ଦୟା ଯେବେ ହୋଇବ ମୋ ଉପରେ

ସମ୍ୟକ୍ ଉପଲବ୍ଧି ସମ୍ଭବ ହୋଇପାରେ (୧୨)

ଆହେ ନାରାୟଣ କ୍ଷୀର ସାଗର ନିବାସୀ

ଲୀଳା ରଚୁଅଛ ମର୍ତ୍ତ୍ୟ ବୈକୁଣ୍ଠରେ ଆସି (୧୩)

ଶରଣ ଦିଅ ଚରଣେ ବାରେ କୃପା ବହି

ଏ ଜୀବନ ବିତି ଯାଉ ତୋର ଗୀତ ଗାଇ (୧୪)

# ଦୁଇଟି କବିତା

ଅମିତାଭ ସାହୁ



ହସ

ଚହ୍ଲା ଚହ୍ଲା ପରଲଗେ

କେବେ ଆସିଥିଲେ ଥରେ ଅଧେ

ମୋ ମନର ଇଲାକାରେ

ରଙ୍ଗେଇବାକୁ ରଙ୍ଗ ତରଙ୍ଗରେ

ହେଲେ ସମୟର

କଞ୍ଚିତ ବ୍ୟବଧାନରେ, ଗୁଲଗଲେ

ଆପଣା ଆପଣା ଠିକଣାରେ...

ଏବେ ମୁଁ ପ୍ରତୀକ୍ଷାରେ

ତା' ଫେରବା ବାଟକୁ

ଧର ଦେଲେ ରଖିବାକୁ

ନଜ ଆବଦ୍ଧରେ ।

ଲୁହ :

ଲୁହ ମୋର ଏକାନ୍ତ ନିଜର

ଅତି ଆପଣାର

ବିପଦେ ଆପଦେ ସାଥୀ

ବନ୍ଧୁ ସଖା ସହୋଦର...

ସୁଖର ଆବେଗରେ

ଚୁପ୍ ହୋଇ ବସିଯାଏ

ନିର୍ଜନ ନିରୋଳାରେ

ମୋ ଦୁଃଖର ବେଳ ଜାଣି

ନିଏ ଆଦର

ଆଖିର ନୀଡ଼ ଦେଇ

ଝର ଝର ଯାଏ ଝରି ।

ବଡ଼ ସାହି, କଳମ୍ବ, ପୋଲସରା,

ଗଞ୍ଜାମ, ଓଡ଼ିଶା - ୭୬୧୧୦୫

ମୋବାଇଲ୍ - ୯୭୭୮୫୬୬୯୮୫ / ୯୮୬୧୦୦୩୮୮୬

# ମରଣ

ଶୁଭ୍ରାଂଶୁ କୁମାର ବିଶ୍ୱାଳ



ବାସ୍ତବ ତ ଦୂର ସପନରେ କେବେ
ତୁମେ ଆସିବାର ନାହିଁ ।
ଏ କଥା ଜାଣିବି ତୁମ ଆସିବାକୁ
ଆଜି ବି ରହିଛି ଗୃହିଁ ।
ଜନମିଛି ଯେତେ ଏ ଭବ ସାଗରେ
ମରିବି ତ କେବେ ଦିନେ
ତୁମ ପ୍ରତିବିମ୍ବ ଆଖି ଆଗେ ରଖି
କଥାଟିଏ ଭାବେ ମନେ ।
ଆସିଯାଅ ତୁମେ ଏଇ ମୋ ଜୀବନେ
ପାଲଟି କେବେ ମରଣ
ମରିବାକୁ ନିତ ବଂଚି ଥାଉ ଥାଉ
କରିବି ନାହିଁ ବାରଣ ।


୨ୟ ବର୍ଷ, ଓଡ଼ିଆ ବିଭାଗ,
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋବାଇଲ୍ - ୯୪୩୯୫୬୭୮୧୧୬

# ବାବାମାର୍କା ନକଲିଧନ୍ଦା

ବାଲ୍ମୀକି ନାୟକ



ଦୁନିଆର ସମସ୍ତ ଦେଶରେ, ପ୍ରତ୍ୟେକ ଧର୍ମ ଓ ସଂପ୍ରଦାୟ ମଧ୍ୟରେ ତଥାକଥିତ ବାବାମାର୍କା ନକଲି ଧନ୍ଦା ଚାଲିଛି । ଆମ ଦେଶରେ କିନ୍ତୁ ଏହି ଧନ୍ଦା ଅପେକ୍ଷାକୃତ ଟିକେ ବେଶୀ ପରିମାଣରେ ଚାଲିଛି । ବାବାମାର୍କାର ଅର୍ଥ ସମାଜର କିଛି ସ୍ୱତନ୍ତ୍ର ବର୍ଗର ଲୋକ, ଯେଉଁମାନେ ଆତ୍ମା-ପରମାତ୍ମା, ସ୍ୱର୍ଗ-ନର୍କ, ପାପ-ପୂଣ୍ୟ, ତୀର୍ଥ, ବ୍ରତ, ଉପବାସ, ଚମତ୍କାର, ପୁନର୍ଜନ୍ମ ଆଦି କାଳ୍ପନିକ ଓ ଭିତ୍ତିହୀନ ବିଶ୍ୱାସକୁ ନେଇ ସଫଳ ବ୍ୟବସାୟ କରୁଛନ୍ତି । ନିଜକୁ ଇଶ୍ୱରଙ୍କ ଦୂତ କିମ୍ବା ସ୍ୱୟଂ ଭଗବାନ ରୂପେ ଘୋଷଣା କରି ସରଳ ଜନତାଙ୍କୁ ପ୍ରଭାବିତ କରିପାରୁଥିବା ଲୋକ ମାନଙ୍କୁ ଜନସାଧାରଣ ସାଧୁ, ମହାତ୍ମା, ସନ୍ଥ, ସ୍ୱାମୀ, ଆଚାର୍ଯ୍ୟ, ପୂଜାରୀ, ଗୁରୁଜୀ, ମୌଲବୀ, ପାଦ୍ରୀ ଆଦି ବିଭିନ୍ନ ନାମରେ ସମ୍ବୋଧନ କରିଥାନ୍ତି । ସେମାନଙ୍କ ବେଶଭୂଷା ସାଧାରଣ ଜନତାଙ୍କ ଠାରୁ ଅଲଗା ହୋଇଥାଏ । ବିଭିନ୍ନ ସଂପ୍ରଦାୟର ବାବା ମାନଙ୍କ ବେଶଭୂଷା ଅଲଗା ହେଲେ ବି ସେମାନଙ୍କ ଉଦ୍ଦେଶ୍ୟ କିନ୍ତୁ ହେଉଛି ଏକ । ତାହା ହେଉଛି - ଲୋକମାନଙ୍କୁ ମାନସିକ ସ୍ତରରେ ପଙ୍ଗୁ କରିଦେଇ ଅଲୌକିକ ଜଗତର ମୋହ ଦେଖାଇ ମାନସିକ, ଶାରୀରିକ ଏବଂ ଆର୍ଥିକ ଶୋଷଣ କରିବା ।



କିଛି ବର୍ଷ ପୂର୍ବରୁ ଏହି ଧନ୍ଦା ସହର ଅପେକ୍ଷା ଗାଁମାନଙ୍କରେ ବେଶୀ ଦେଖା ଦେଉଥିଲା । ଆଜିକାଲି ଆଧୁନିକ ବୈଦ୍ୟୁତିକ ଗଣମାଧ୍ୟମ ଯଥା ଟିଭି, ଇଣ୍ଟରନେଟ୍, ମୋବାଇଲ୍ ଆଦିର ବହୁଳ ବ୍ୟବହାର ହେବା ଫଳରେ ବାବାମାନଙ୍କର ଧନ୍ଦା ମଧ୍ୟ ବହୁଗୁଣରେ

ବଢ଼ି ଯାଇଛ । ସେମାନଙ୍କ ଚମତ୍କାରୀ ଗୁଣ ବା ଶକ୍ତି ସମ୍ପର୍କରେ ମନଗଢ଼ା କାହାଣୀ ସବୁ ଅତରଂଜତ କର, ଖୁବ୍ କମ ସମୟରେ, ଅଧିକ ଲୋକମାନଙ୍କ ଭତରେ ପ୍ରଚାର ହୋଇ ପାରୁଛ । ପ୍ରତଦନ ବଭନ୍ନ ଟିଭ ଚ୍ୟାନେଲରେ କେହ ନା କେହ ବାବା ବଚତ୍ର ବେଶ ଧାରଣ କର ନାଟକୀୟ ଶୈଳୀରେ ପ୍ରବଚନ ଦେଉଥିବା ଦେଖିବାକୁ ମିଳୁଛ । ତା ସହତ ଧନ, ସମ୍ମାନ ଓ ଜ୍ଞାନର ବୃଦ୍ଧିପାଇଁ ବଭନ୍ନ ଚମତ୍କାରୀ ମୁଦ୍ରିକା, ତାବଜ, ଯନ୍ତ୍ର ଆଦ ବକ୍ରୀ ବ ହେଉଥିବାର ଦେଖାଯାଉଛ । ମହଳାମାନେ ବ ବାବାମାର୍କା ଧନ୍ଦା କରବାରେ ପଛରେ ନାହାନ୍ତ । ସେମାନେ ମଥାରେ ବଭନ୍ନ ଷ୍ଟାଇଲରେ ଚନ୍ଦନ ବଭୂତ କମ୍ବା ସିନ୍ଦୁର ଲଗାଇଥାନ୍ତ, ହାତରେ, ବେକରେ, କାନରେ ମହଙ୍ଗା ଗହଣା ପିନ୍ଧିଥାନ୍ତ । ବାବାମାନେ ବସିଥିବା ଆସନ ଏବଂ ଆଖପାଖର ସଜେଇକୁ ଦେଖିଲେ ଲାଗିବ ଯେମିତ କୌଣସି ପୌରାଣିକ ନାଟକର ରାଜଦରବାରର ଦୃଶ୍ୟ ସୁସଜ୍ଜିତ ହୋଇଛ । ସୁସଜ୍ଜିତ ସିଂହାସନରେ ବସି ପ୍ରଭାବଶାଳୀ କଣ୍ଠରେ, ଧର୍ମଶାସ୍ତ୍ରରୁ ଉଦ୍ଧୃତ କଛ ସଂସ୍କୃତ ଶ୍ଳୋକ ଉଚ୍ଚାରଣ ପୂର୍ବକ ନଜର ପ୍ରବଚନ ଆରମ୍ଭ କରଥାନ୍ତ । ଜଣେ ସଫଳ ପ୍ରବଚକ ହେବାପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଗୁଣ ହେଲା - ବାକ ଚତୁରୀ । କଥା କହବାର ଢଙ୍ଗ ଯାହାର ଯେତକ ମନମୋହକ ହେବ, ତାହାର ଭକ୍ତଙ୍କ ସଂଖ୍ୟା ସେଇ ଅନୁପାତରେ ଅଧିକ ହେବ ହିଁ ହେବ । ଅର୍ଥାତ ଦାନ, ଦକ୍ଷିଣାର ପରମାଣ ବ ସେଇ ଭାବରେ ଅଧିକ ହେବ ।




ଆଗରୁ ବାବାମାନେ ଜଙ୍ଗଲ, ପାହାଡ଼ ଓ ପଥରଗୁମ୍ଫା ମାନଙ୍କରେ ରହୁଥିଲେ । ଆଜକାଲ ସେମାନେ ହାଇଟେକ୍ ହୋଇଗଲେଣି । ସେମାନଙ୍କ ଆଶ୍ରମ ବ ହାଇଟେକ୍ । ଏବଂ ବାବା ବ୍ୟବସାୟ ମଧ ହାଇଟେକ୍ । ସେମାନଙ୍କ ଧନ୍ଦା ଏବେ ଦେଶ ଓ ଦେଶ ବାହାରେ ମଧ ବ୍ୟାପିଲାଣି । ଅନେକ ବକଶିତ ତଥା ଧନୀ ଦେଶରେ ବାସ କରୁଥିବା ଧର୍ମଭୀରୁ ଭକ୍ତମାନଙ୍କ ସଂଖ୍ୟା ଦନକୁ ଦନ ବୃଦ୍ଧିପାଉଥିବା ଭଳ ଲାଗୁଛ, ସେଇଥି ପାଇଁ ଏହ ବାବାଧନ୍ଦା ମଧ ଦନକୁ ଦନ ବଢ଼ିବାରେ ଲାଗିଛ ।

ସମାଜରେ ସାଂସାରକ ଜୀବନକୁ ନର୍ବାହ କରବା ପାଇଁ ମାନସିକ ଓ ଶାରୀରକ ପରଶ୍ରମ

କରିବାକୁ ପଡୁଛି । ଚାକିରୀ କିମ୍ବା ବ୍ୟବସାୟ କରି ଧନ ରୋଜଗାର କରିବାପାଇଁ ଯୁବକ ଯୁବତୀମାନଙ୍କୁ ଅନେକ ପାଠ ପଢ଼ିବାକୁ ପଡୁଛି । ବୈଷୟିକ ଜ୍ଞାନ ହାସଲ କରିବାପାଇଁ ରାତିଦିନ କଠିନ ପରିଶ୍ରମ କରିବାକୁ ପଡୁଛି ।

ଏହାର ବିପରୀତ ବାବାମାର୍କା ଧନ୍ଦା ପାଇଁ ଏତେ ବେଶୀ ପରିଶ୍ରମ କରିବା ଆବଶ୍ୟକ ନାହିଁ । କଥାକଥାରେ ଭୂଆଁ ବୁଲେଇ ଅନ୍ୟମାନଙ୍କୁ ପ୍ରଭାବିତ କରିବା ଭଳି ବାକ୍ ଚାତୁରୀ ଗୁଣଟି ଯାହା ପାଖରେ ଅଛି, ସେ ସାମାନ୍ୟ ଶିକ୍ଷାଗତ ଯୋଗ୍ୟତା ପ୍ରାପ୍ତକରି, କେବଳ କିଛି ଧର୍ମ ଶାସ୍ତ୍ରର ଶ୍ଳୋକ ମୁଖସ୍ତ କରିପାରିଲେ ଯଥେଷ୍ଟ । ଅଭ୍ୟାସକ୍ରମେ କୌଣସି ବୟସ୍କ ବାବାଙ୍କ ଠାରୁ ହସ୍ତଚାଳନ ବିଦ୍ୟା ଶିକ୍ଷାକରି, ଭକ୍ତମାନଙ୍କୁ ଚମତ୍କାର ପ୍ରଦର୍ଶନ କରିପାରିଲେ, ଖୁବ୍ ଶୀଘ୍ର ପ୍ରସିଦ୍ଧି ଲାଭ କରିଯାଇପାରେ । କାକତାଳୀୟ ନ୍ୟାୟରେ ବାବା କହିଥିବା କୌଣସି ସଫଳତା ଯଦି ଭକ୍ତ ପାଇଯାଏ, ତେବେ ବାବାଙ୍କ ପ୍ରଚାର ଓ ପ୍ରସାରରେ ଭକ୍ତ ଶତମୁଖ ହୋଇଯାଏ ।

ସମସ୍ତ ପ୍ରକାର ବାବା ଭକ୍ତଙ୍କ ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିପାରିବା ଦାବି କରିଥାନ୍ତି । ସମସ୍ତେ ନିଜର ଜ୍ଞାନ ଓ ଅଲୌକିକ ଶକ୍ତିକୁ ହିଁ ସତ୍ୟ ଏବଂ ଅନ୍ୟର ମିଛ ବୋଲି ପ୍ରଚାର କରୁଛନ୍ତି । କୌଣସି ବାବା ଆଜିର ବିକଶିତ ବିଜ୍ଞାନ, ଜୀବନ ଦର୍ଶନ, ଆବିଷ୍କାର, ଗବେଷଣା ଓ ଅନୁସନ୍ଧାନ ଦ୍ୱାରା ଉପଲବ୍‌ଧ ଜ୍ଞାନକୁ ମୁକ୍ତ କଣ୍ଠରେ ପ୍ରଶଂସା କରୁନାହାନ୍ତି । ଏହାର ବିପରୀତ ସେମାନେ କହୁଛନ୍ତି - 'ଶହ ଶହ ବର୍ଷର ପୁରାତନ ଆଧାତ୍ମ ଜ୍ଞାନ ଆଜିର ବୈଜ୍ଞାନିକ ଜ୍ଞାନ ଯୋଗୁଁ ମଳିନ ପଡ଼ିଯାଇଛି । ଲୋକମାନେ ଭୌତିକ ସୁଖ ପାଇବା ପାଇଁ ଆଧାତ୍ମମାର୍ଗରୁ ଦୁରେଇ ଯାଉଛନ୍ତି । ଆଜିର ସମାଜରେ ବ୍ୟାପ୍ତ ଅବ୍ୟବସ୍ଥା, ଶୋଷଣ, ଅତ୍ୟାଚାର, ହତ୍ୟା ଆଦି ପାଇଁ ଆଧାତ୍ମିକ ଜ୍ଞାନର ଅଭାବକୁ ସେମାନେ ଦାୟୀ କରିଥାନ୍ତି ।



ଏଇଠି ପ୍ରଶ୍ନ ଉଠୁଛି - ମଣିଷ ସମାଜର ଗଠନ ପରଠାରୁ କେଉଁ ଯୁଗ ବା କାଳରେ ଶୋଷଣ, ଅତ୍ୟାଚାର, ହତ୍ୟା ଓ ଅବ୍ୟବସ୍ଥା

ନଥିଲା ? ଯେଉଁ ଯୁଗମାନଙ୍କରେ ବିଜ୍ଞାନ ନିମ୍ନ ସ୍ତରରେ ଏବଂ ଆଧ୍ୟାତ୍ମ ଜ୍ଞାନ ଚରମ ସ୍ତରରେ ଥିଲା, ସେତେବେଳେ କିଣ ମଣିଷ (ଦେବତା ମାନେ ବି) ସୁଖ ଓ ଶାନ୍ତିରେ ରହିପାରୁଥିଲେ କି ? ଦ୍ୱିତୀୟତଃ - ଆଜି ଯେଉଁ ସଂସାରତ୍ୟାଗୀ, ସିଦ୍ଧ ପୁରୁଷ ଓ ବ୍ରହ୍ମଚାରୀମାନେ ବିଜ୍ଞାନ ଓ ଭୌତିକ ସାଧନକୁ ପ୍ରତିଦିନ ପ୍ରବଚନ ମାଧ୍ୟମରେ ସମାଲୋଚନା କରୁଛନ୍ତି, ସେହି ଭଣ୍ଡ ସିଦ୍ଧ ପୁରୁଷମାନେ ବିଜ୍ଞାନଦ୍ୱାରା ଉତ୍ପାଦିତ ସମସ୍ତ ଭୌତିକ ସାଧନକୁ ବ୍ୟବହାର ଏବଂ ଉପଭୋଗ କରୁଛନ୍ତି କାହିଁକି ? ସେମାନଙ୍କ ମଠ ବା ଆଶ୍ରମରେ କିଣ ବା ନାଇଁ? ଯାତାୟାତ ପାଇଁ କାର୍, ମନୋରଞ୍ଜନ ପାଇଁ ମ୍ୟୁଜିକ୍ ସିଷ୍ଟମ୍ ଓ ଟେଲିଭିଜନ୍, ଯୋଗାଯୋଗ ପାଇଁ ମୋବାଇଲ୍, ଅନଲାଇନ୍ ବ୍ୟବସାୟ ପାଇଁ ଇଣ୍ଟରନେଟ୍ ଲାଗିଥିବା କମ୍ପ୍ୟୁଟର । ନାରୀ ଓ ନିଶାଦ୍ରବ୍ୟ ସେବନ କରୁଥିବା ଅନେକ ବାବା ଧରାପଡ଼ି ଆଜି ଜେଲ ଦଣ୍ଡ ଭୋଗ କରୁଛନ୍ତି । ନିଜର ସୁରକ୍ଷାପାଇଁ ବନ୍ଧୁକଧାରୀ ସୁରକ୍ଷାକର୍ମୀ ନିଯୁକ୍ତ କରିଛନ୍ତି ।

କିଛି ଲୋକ ଯୁକ୍ତି କରନ୍ତି - ସମସ୍ତ ବାବା ଖରାପ ନୁହନ୍ତି । ଅଳ୍ପ କିଛି ଧୂର୍ତ୍ତ ବାବାଙ୍କ ଯୋଗୁଁ, ସମସ୍ତ ବାବାଙ୍କୁ ଦୋଷ ଦେବା ଉଚିତ ନୁହେଁ । ଏଇଠି ପ୍ରଶ୍ନ ଉଠୁଛି - ଆତ୍ମା-ପରମାତ୍ମା, ସ୍ୱର୍ଗ-ନର୍କ, ପୁନର୍ଜନ୍ମ, ମୋକ୍ଷ ଭଳି କେତେକ କାଳ୍ପନିକ ଅସତ୍ୟକୁ ନେଇ ଚାଲିଥିବା ବ୍ୟବସାୟ ସତ୍ୟ ହେବ କିପରି ? ନକଲି ବସ୍ତୁର ବ୍ୟବସାୟ କରୁଥିବା ବାବାମାନଙ୍କୁ ଭଲ ବା ସତ୍ୟ ବୋଲି କେମିତି କହିବା ?

ମୋବାଇଲ୍ - ୦୮୦୮୮୩୨୪୭୭୮

ଇମେଲ୍ - balmikinayak@gmail.com

# ଦୁଃଖ ତ ଆସୁଛି ମାଡ଼ି !

କ୍ଷେତ୍ରବାସୀ ଜେନା



ଆହେ ଦନବନ୍ଧୁ ଦୈତାରୀ
ଦୁଃଖ ତ ଆସୁଛି ମାଡ଼ି ।
ସବୁଦନ ଆଉ କେତେ ମୁଁ ମରବ
ଦନେ ଦଅ ମୋତେ ମାର...
ଦୁଃଖ ତ ଆସୁଛି ମାଡ଼ି...

ଜୀବନର ସେହ ଗୃରଛକେ,
ରଥ ମୋ ହୋଇଛ ଛଡ଼ା
ଆଗକୁ ନ ପାରେ ଭଡ଼ି
ଉଧାର କର ହେ, ଜଗତକରତା
ରଥ ମୁଁ ପାରୁନ ଗ୍ଡ଼ି ....
ଦୁଃଖ ତ ଆସୁଛି ମାଡ଼ି....

ଗହା ପାଏ ନାହିଁ, ସାହା ପାଏ ନାହିଁ
ଜୀବନ ଗ୍ଡୁଛ ରଡ଼ି
କ କରବ ମୁହିଁ ବୁଦ୍ଧି ଦଶେ ନାହିଁ
ବେଳ ଯାଏ ଗଡ଼ି ଗଡ଼ି ...
ଦୁଃଖ ତ ଆସୁଛି ମାଡ଼ି....

ତୁମ୍ଭେ ଥାଉ ଥାଉ ଏ ସଂସାରେ ପ୍ରଭୁ
ସଂସାର ଦଉଡ଼ି କେମିତ ଯିବ ସେ ଛଡ଼ି
ଦୁଃଖ ତ ଆସୁଛି ମାଡ଼ି....

ପାରକର ମୋତେ ଏ ଭବସାଗରୁ,
ନାବ ମୋ ଯାଉଛ ବୁଡ଼ି
ଶତଚେଷ୍ଟା କର ଫଳଶୁନ୍ୟ ହୁଏ

କାତ ମୁଁ ପାରୁନ ଧର,
ଦୁଃଖ ତ ଆସୁଛ ମାଡ଼ି ....

କେତେ ଝଡଝଞ୍ଜା, ଅନ୍ଧାର କୁହୁଡ଼ି
ଆସୁଛ ଯେ ମାଡ଼ି ମାଡ଼ି
ଭୟଲାଗେ ମୋତେ, ବଞ୍ଚିବ କେମନ୍ତେ
ସତେକ ଦେବ ସେ ସଂସାର ଉଜାଡ଼ି
ଦୁଃଖ ତ ଆସୁଛ ମାଡ଼ି....

ଜଅନ୍ତା ଜଳୁଛ ମୁଁ ଆଜ ଦୁଃଖର ଯୁଇରେ
ଦୁଃଖ ତ ଯାଉନ ଗ୍ଛଡ଼ି...
ଶବ ନୁହେଁ ମୁଁ ଜଅନ୍ତା ମଣିଷ
ପ୍ରାଣ ବ ଯାଉନ ଉଡ଼ି ..
ଦୁଃଖ ତ ଆସୁଛ ମାଡ଼ି

ମୋ ମନ ପାଖରେ
ଏ ଶରୀରଟା, କେବଠୁଁ ଯାଇଛ ମର
ଦୁନଆ ଆଗରେ କେମିତ ରହବ
ବଞ୍ଚିବାର ଅଭନୟ କର
ଦୁଃଖ ତ ଆସୁଛ ମାଡ଼ି....

ମୋ ଆଖି ଆଗରେ ଘର ଭସୁଅଛ
ନ ପାରଇ ମୁହିଁ ଧର
ତୁମ୍ଭେ ଅଛ ଏ ସଂସାରରେ ପ୍ରଭୁ
କେମିତ ଯିବ ମୁଁ ହାର
ଦୁଃଖ ତ ଆସୁଛ ମାଡ଼ି....

ସୁରକ୍ଷା ଅଫିସର, ବେଦାନ୍ତ ଲମିଟେଡ୍ .
ହଳଦବସନ୍ତ, ଯାଜପୁର୍
ଓଡିଶା, ୭୫୫୦୦୩
ଇ -ମେଲ୍ :କ୍ଷେତ୍ରବାସୀ.ସୋନୀ@ଜମେଲ୍ .କମ୍

# ଆହ୍ୱାନ

ଜୟନ୍ତୀ ବେହେରା



ବଧିର ନିଷ୍ଠୁର ନିର୍ଦ୍ଦେଶରେ
ଯନ୍ତ୍ରଣା ପୁରୁଷର ଅବାଧ ସଙ୍ଗମରେ
ଧର୍ଷିତା ହୃଦୟ ମୋ
ବାଧ୍ୟ ହୁଏ କରିବାକୁ
ଅଶ୍ରୁପାତ ନିରବଚ୍ଛିନ୍ନ ।

ମାୟାମୋହ ଘୋର ଅନ୍ଧକାରେ
ଆବଦ୍ଧ ଏ ବଦ୍ଧ ଜୀବନ
ପାପମୟ କଣ୍ଟକିତ ପଥଧାରେ
କଳିକାଳ ଏହି ସଂସାରରେ
କିପରି ରହିବ ପବିତ୍ର
ମୋର ଏଇ ଦୁର୍ବଳ ମନ ।

ଏହାକି ନିଷ୍ଠୁର ସତ୍ୟ ? ? ?
ପୂଣ୍ୟ ସଥେ ସଦା ପାପ ନିତ୍ୟ
ଅବା ପାପ ସାଥେ ପୂଣ୍ୟ ନିତ୍ୟ ! !
ପବିତ୍ରତା ଯଦି ଈଶ୍ୱର ତତ୍ତ୍ୱ

ଆରେ ବଧି ! କାହିଁ କରୁ ?

ମୋ ହୃଦୟକୁ ବାରବାର କଳୁଷିତ ।

ପତନ ଯଦ ଉତ୍ଥାନର ସୋପାନ

ପାପର ଗସ୍ତାରେ ଯଦ ପୂଣ୍ୟର ଆହ୍ୱାନ

ହେ ଶକ୍ତିମୟ ! ଶକ୍ତିଦଅ ମୋତେ

ପାପର ରଣକ୍ଷେତ୍ରରେ

ଜୀବନର ପ୍ରତ୍ୟେକ ଅଗ୍ନିପରୀକ୍ଷାରେ

ଉଡ଼ାଇଣ ବୈଜୟନ୍ତୀର ଧ୍ୱଜା

ଶୁଣାଇବ ପୂଣ୍ୟର ଶଙ୍ଖଧ୍ୱନ

ଜାଳ ଦେଇ ସର୍ବପାପର କାଳମାକୁ

ରଖିବ ପବତ୍ର, ମୋ ହୃଦୟ ସିଂହାସନ ।

ମାର୍ଫତ - ଲଛମନ ବେହେରା,

ମାଳୀସାହ, ଆଙ୍କୁଲ,

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ - ୭୭୪୯୯୮୪୩୩୩

# ପ୍ରେମ

ଶିଶିର କୁମାର ସାମଲ



ପ୍ରେମ  ଅଟେ ଏକ ମରୁ ଶୈବାଳ
ଗୁଳୁବାଟା ଲାଗେ କଷ୍ଟ,
କେତେବେଳେ ସାଜେ ଅସାନ୍ତ ଲହରୀ
ଜୀବନକୁ କରେ ନଷ୍ଟ ॥
ପ୍ରେମ କେତେବେଳେ ମଳୟ ପବନ
ମୃଦୁମୃଦୁ ବହୁଥାଏ,
କେତେବେଳେ ପୁଣି ବୈଷାଖର ଝାଞ୍ଜି
ଶରୀର ତତାଇ ଥାଏ ॥
ପର ଆପଣାର ଭେଦନାହିଁ ତାର
ସଭିଏଁ ତାର ନଜର,
ନୁହେଁ ସେ ହିନ୍ଦୁର ନୁହେଁ ମୁସଲମ୍ ର
ରାଜା ସିଏ ହୃଦୟର ॥
ଜୀବନର ବାଟ ଗୁଳୁବାଟା କଷ୍ଟ
ପ୍ରେମକୁ ରଖି ସାଥିରେ,
କଣ୍ଟାଭରା ବାଟ ହେବ ଫୁଲହାଟ
ପ୍ରେମ ହିଁ ଥିଲେ ପାଖରେ ॥
କାମନାର ନିଁଆ କରେ ଅମାନିଆ
ଭରିଦଏ ମନେ ବିଷ,
ସରିଯାଏ ସବୁ ପ୍ରେମର ଆୟୁଷ
ସୃଷ୍ଟିକୁ କରେ ବିନାଶ ॥

ଗ୍ରା/ପୋ-କଣ୍ଟିପୁର, ଭାୟା-ବଞ୍ଚାରପୁର, ଜିଲ୍ଲା-ଯାଜପୁର ପିନ୍-୭୫୫୦୦୪, ଓଡ଼ିଶା
ଇମେଲ୍ - sisirkumarsamal@gmail.com
ମୋବାଇଲ୍ - ୭୮୯୪୦୬୦୬୬୬

# ମୋ ଦୃଷ୍ଟିରେ ବାବା

ନିରୁପମା ମହାନ୍ତି



ଧରାଧାମରେ ଶ୍ରେଷ୍ଠପ୍ରାଣୀ ମଣିଷ । ସୂକ୍ଷ୍ମ ଆତ୍ମା ସ୍ଥୁଳଶରୀର ମଧ୍ୟରେ ଅବସ୍ଥାନ କରିଛି । ସୂକ୍ଷ୍ମ ସ୍ୱରୂପ ଅବିନାଶୀ । ପଞ୍ଚତତ୍ତ୍ୱରେ (ମାଟି, ପାଣି, ପବନ, ଅଗ୍ନି ଓ ଆକାଶ) ଗଢ଼ା ସ୍ଥୁଳ ଶରୀର ବିନାଶୀ । ମନ ଦ୍ୱାରା ପରିଚାଳିତ । ବିଦ୍ୟା (ଜ୍ଞାନ), ଅବିଦ୍ୟା (ଅଜ୍ଞାନ) ଦ୍ୱାରା ମନ ପ୍ରଭାବିତ । ବିଦ୍ୟା ଐଶ୍ୱରୀୟ ଶକ୍ତି ସମ୍ପର୍ନ୍ନ । ଅବିଦ୍ୟା ମାୟାଦ୍ୱାରା ଆଚ୍ଛାଦିତ । ଷଡ଼ ବିକାର (କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ) ମାୟା ଦ୍ୱାରା ପରିଚାଳିତ । ଶୁଦ୍ଧ (ପବିତ୍ର), ଅଶୁଦ୍ଧ (ଅପବିତ୍ର) ଶକ୍ତି ଦ୍ୱୟ ତ୍ରିଗୁଣ (ସାତ୍ତ୍ୱିକ, ରାଜସିକ, ତାମସିକ) ଦ୍ୱାରା ପ୍ରଭାବିତ ।

ଯେତେବେଳେ ମନ ଅଶୁଦ୍ଧ ହୋଇ ରାଜସିକ ତଥା ତାମସିକ ଗୁଣର ବଶବର୍ତ୍ତୀ ହୋଇଥାଏ, ଐଶ୍ୱରୀକ ଶକ୍ତି ଲୋପ ପାଇଥାଏ । ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚଜ୍ଞାନେନ୍ଦ୍ରିୟ ନିଏ ସମାଧି । କରିଚାଲେ ନାନାପ୍ରକାରର କୁକର୍ମ ।

ଏତଦ୍‌ବ୍ୟତୀତ ପରିବେଶ, ପରିସ୍ଥିତି, ଖାଦ୍ୟପାନୀୟ ଓ କୁସଙ୍ଗର ପ୍ରଭାବ ମଧ୍ୟ ଆନ୍ୟାୟ, ଅନୀତି କରିବାକୁ ଖୋରାକ ଯୋଗାଇଥାଏ ।

ଭଗବତ୍ ସତ୍ତା ବିସ୍ମୃତ ହୁଏ । ସ୍ୱୟଂ 'ବାବା'ରୂପେ ପରିଚିତ ଓ ପ୍ରତିଷ୍ଠିତ ହେବାକୁ କୁଣ୍ଠାବୋଧ କରିନଥାଏ । ଅଗ୍ନିରେ ଘୃତପରି, ଅନ୍ଧବିଶ୍ୱାସୀ, ଧର୍ମଭୀରୁ ମଣିଷମାନେ ଶରଣାଗତ ହୋଇଥାନ୍ତି, ଅଜ୍ଞାନୀ ବାବା ମାନଙ୍କ ନିକଟରେ । ସମସ୍ୟାର ଆଶୁ ସମାଧାନ ଆଶାରେ । ଅନ୍ୟାୟ, ଅନୀତିର ପ୍ରାସାଦ ଗଢ଼ିଉଠେ ହୁ ହୁ ହୋଇ । 'ବାବା' ଓ ଭକ୍ତମାନଙ୍କର ଗଜୁଡରେ ଅଣନିଶ୍ୱାସୀ ହୁଅନ୍ତି ସାଧାରଣ ଜନତା ।

ଶେଷରେ 'ଅତ ସର୍ବତ୍ର ଗର୍ହିତମ୍' ବାକ୍ୟ ହୁଏ ସିଦ୍ଧ । ଅଜ୍ଞାନୀ ବାବା ମାନଙ୍କର ଅବସ୍ଥା ହୁଏ ସଙ୍କଟାପନ୍ନ । ନିନ୍ଦା, ଅପମାନର ପାହାଡ଼ ତଳେ ଦବଯାଇ ହୁଅନ୍ତି ଅଣନିଶ୍ୱାସୀ । ବାଧହୋଇ ବଞ୍ଚିଥାନ୍ତି ଜୀବନ୍ତ ଶବ ସଦୃଶ । ଅନ୍ୟାୟ ଅନୀତର ସୌଧ ହୁଏ ଧୂଳିସାତ୍ ।

ମାନବ ସମାଜକୁ ପଦେ :-

'ମନ' ହିଁ ସବୁ ସମସ୍ୟାର ମୂଳ କାରଣ ।

'ମନ'କୁ ଆୟତ୍ତ କରପାରଲେ ସମସ୍ୟାର ସମାଧାନ ହେବ ଅନାୟାସରେ ।

'ମନ'କୁ ମାୟା (ଅଜ୍ଞାନ) ପ୍ରଭାବରୁ ମୁକ୍ତ କଲେ ଷଡ଼ବକାରର ହୁଏ ସମାପ୍ତି ।

ଦୈବୀଶକ୍ତି ହୁଏ ଜାଗ୍ରତ । 'ମନ' ହୁଏ ଶକ୍ତିଶାଳୀ, ସ୍ୱସ୍ୱରୂପ (ସତ୍-ଚତ୍-ଆନନ୍ଦ)ର ହୁଏ ଅନୁଭବ । ମନକୁ ଐଶ୍ୱରୀକ ଶକ୍ତି ସମ୍ପନ୍ନ କରବାର ସହଜ ଉପାୟ -

ନଜ ଭୁଲକୁ ଜାଣିବାକୁ ଚେଷ୍ଟା କର ସୁଧରନ୍ତୁ । ତାହାର ପୁନରାବୃତ୍ତି କରନ୍ତୁ ନାହିଁ ।

ଗୀତାରେ ମଧ କୁହାଯାଇଛି (୬ଷ୍ଠ ଅଧାୟ, ଶ୍ଳୋକ-୫)

*ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମ୍ ଅବସାଦୟେତ୍ ।*

*ଆତ୍ମୈବ ହ ଆତ୍ମନୋ ବନ୍ଧୁରାତ୍ମୈବ ରପୁରାତ୍ମନଃ ।*

ଅର୍ଥାତ - ନଜ ଦ୍ୱାରା ନଜକୁ ସଂସାର ସମୁଦ୍ରରୁ ଉଦ୍ଧାର କରନ୍ତୁ । ଏବଂ ନଜକୁ ଅଧୋଗତର କାରଣ କରନ୍ତୁ ନାହିଁ । କାରଣ, ମଣିଷ ନଜେ ହିଁ ନଜର ମିତ୍ର ତଥା ଶତ୍ରୁ ଅଟେ ।

# ନଟଖଟ କାହ୍ନା

କମଳାକାନ୍ତ ସୁବୁଦ୍ଧି



ଶ୍ରାବଣ କୃଷ୍ଣପକ୍ଷ ଅଷ୍ଟମୀ ଦିନ
ବନ୍ଦୀଶାଳେ ଦେବକୀର କୋଳେ ଜନ୍ମ ।
ଦେବକୀର କୋଳେ ଜନମ ହୋଇଲୁ
ଯଶୋଦାର କୋଳେ ଯାଇ ତୁ ବଢ଼ିଲୁ ।
କଦମ୍ବ ମୂଳରେ ସେ ଯମୁନା କୂଳ
ସୁଦାମ, ସୁବଳ ସାଥେ ନାନା ଖେଳ ।
ପେଣ୍ଡୁ ଖୋଜଯାଇ କାଳୀୟ ଦଳନ
ବୃଷ୍ଟିରୁ ରକ୍ଷାପାଇଁ ଟେକ ଗୋବର୍ଦ୍ଧନ ।
ସଖାଙ୍କୁ ନେଇ ଗୋପୀଙ୍କ ବସ୍ତ୍ର ଚୋରୀ
ଲବଣୀ ଖାଇବା ପାଇଁ ସବୁ ତୋର ଡୋରୀ ।
ସଖାଙ୍କ ସହିତ ଯାଇ ଚରାଇଲୁ ଗାଇ
ବ୍ରହ୍ମାଣ୍ଡ ଦେଖାଇଲୁ ମାଙ୍କୁ ମାଟି ଥିଲୁ ଖାଇ ।
କଦମ୍ବମୂଳେ ବଂଶୀ ବଜାଇ ଦେଲୁ
ରାଧା ଗୋପୀକାଙ୍କ ମନକୁ ତୁ ହରନେଲୁ ।
କେତେ ନଟଖଟ ତୁହି ରେ କଳାକାହ୍ନୁ
ଚଗଲା ଦୁଷ୍ଟାମୀ ଯାଇନି ତୋର ମନୁ ।
କି ଲୀଳା ରଚିଲ ଆହେ ଲୀଳାମୟ
କଂସର ରାଜୁତକୁ କରିଥିଲ କ୍ଷୟ ।
କହ କହ କାହ୍ନୁ ତୁ ଅଟୁ କାହାର
ଦେବକୀ ମାଆର ନା ଯଶୋଦା ମାଆର ।

ନଇରୀ, ଖୋର୍ଦ୍ଧା, ଓଡ଼ିଶା

# ଓଡ଼ିଆ ସାହିତ୍ୟରେ ସମାଲୋଚନା

ଗବେଷିକା ରଞ୍ଜିତା ପାତ୍ର



ସାହିତ୍ୟ ସୃଷ୍ଟି ଓ ସମାଲୋଚନା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ଏକ ଓ ଅଭିନ୍ନ । ଏହି ଦୁଇଟି ସମ୍ପର୍କ କେବେ ବିଚ୍ଛିନ୍ନ ନୁହେଁ; ବରଂ ନିବିଡ଼ ଭାବରେ ସମ୍ପୃକ୍ତ । ସାହିତ୍ୟ ସୃଷ୍ଟିର ସମାଲୋଚନା ଯେତେ ନିଃସଂକୋଚ ଓ ନିରପେକ୍ଷ ହେବ, ସାହିତ୍ୟ ସୃଷ୍ଟିର ମୂଲ୍ୟାଙ୍କନ ସେତେ ସଠିକ୍ ଓ ଯୁକ୍ତିଯୁକ୍ତ ହୋଇପାରିବ । ସମାଲୋଚକ କେବଳ ସାହିତ୍ୟ ସୃଷ୍ଟିର ମୂଲ୍ୟାୟନ କରିନଥାଏ ବରଂ ସେହି ସୃଷ୍ଟିକୁ ନୂଆକରି ଉପସ୍ଥାପନା କରିଥାଏ । ଲେଖକଙ୍କ ବକ୍ତବ୍ୟକୁ ସ୍ୱଷ୍ଟ କରିବାରେ ସମାଲୋଚକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟସୃଷ୍ଟି ଜଣେ ସମାଲୋଚକର ଅଭିଜ୍ଞତାର କଷଟିରେ ମୂଲ୍ୟାୟନ ହେବା ସଙ୍ଗେ ସଙ୍ଗେ ସୃଷ୍ଟିଟିର ପ୍ରଚାର ଓ ପ୍ରସାର ସମ୍ଭବ ହୋଇଥାଏ । ଏହି ସମାଲୋଚନାର ପରମ୍ପରା ବହୁ ପ୍ରାଚୀନ; ମାତ୍ର ସାହିତ୍ୟରେ ସମାଲୋଚନା ଧାରାଟି ଅର୍ବାଚୀନ । ସମାଲୋଚନା ସାହିତ୍ୟର କୌଣସି ଗୋଟିଏ ବିଭାଗ ଯଥା-କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକରେ ସୀମାବଦ୍ଧ ନୁହେଁ । ତେଣୁ ସାହିତ୍ୟପ୍ରେମୀଙ୍କ ହୃଦୟ ସାହିତ୍ୟର ଗୋଟିଏ ବିଭାଗରେ ଆବଦ୍ଧ ରହିନ୍ତା ବା କିପରି ? କାବ୍ୟ କବିତାରୁ ଯେଉଁ ରସ ଉପଲବ୍ଧି କରିହୁଏ; ଗଳ୍ପ, ଉପନ୍ୟାସ ଓ ନାଟକରୁ ଜୀବନର ଅନ୍ୟରସ ଉପଲବ୍ଧି କରିହୁଏ । ତେଣୁ ସାହିତ୍ୟର ପ୍ରତ୍ୟେକ ବିଭାଗ ଆମକୁ ଦିଏ ନୂତନ ଆନନ୍ଦ, ନୂତନ ଶିକ୍ଷା ଓ ନୂତନ ପ୍ରେରଣା । ସାହିତ୍ୟର ସମୃଦ୍ଧି ପାଇଁ ସମାଲୋଚନା ସାହିତ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ । ସେଥିପାଇଁ ସାହିତ୍ୟରେ ସମାଲୋଚକକୁ ତୃତୀୟ ନୟନର ଆଖ୍ୟା ଦିଆଯାଇଛି ।

କବି ଓ ସମୀକ୍ଷକ ମଧ୍ୟରେ ରହିଛି ନିବିଡ଼ତା । କବି ଯାହାଲେଖେ, ସମାଲୋଚକ ତାକୁ

ଦେଖାଇଦେଏ ଭିନ୍ନ ଭାବରେ । କବିର ବକ୍ତବ୍ୟକୁ ଉପଲବ୍ଧି କରାଇଦେଏ ତାର ସମାଲୋଚନା ଓ ଆଲୋଚନା ମାଧ୍ୟମରେ । ତେଣୁ ସାହିତ୍ୟ ଓ ସମାଲୋଚକ ମଧ୍ୟରେ ଯେଉଁ ସମ୍ପର୍କଟି ରହିଛି ତାହା ସ୍ୱତସ୍ଫୂର୍ତ୍ତ । ଏହି ବିଷୟରେ ବିଭିନ୍ନ ସମାଲୋଚକ ତଥା ସାହିତ୍ୟିକଙ୍କ ମତ ଯଥାର୍ଥ । ସର୍ବପ୍ରଥମେ ମନେପଡ଼େ ରସକଲ୍ଲୋଳର ସ୍ରଷ୍ଟା ଦୀନକୃଷ୍ଣ ଦାସଙ୍କ ଏକ ପଦ୍ୟାଂଶ-

" କବିତା ବନିତା କବିତା ପିତା
କହିବା ଲୋକ ତାର ଉପମାତା
କଲେ ତାକୁ ଭୋଗ ରସିକ ନେତା
କେବେହେଁ ଅବା ରହିଇ ଯୋଗ୍ୟତା
କୁମତି ଗୁଁଆର
କେବଳ ବିଇମାତ୍ର ଭାଇ ତାର ।"
(ରସକଲ୍ଲୋଳ)

କବି ଦୀନକୃଷ୍ଣଙ୍କ ଏହି ଦୃଷ୍ଟିଭଙ୍ଗୀଟି ଚିର ସତ୍ୟ । କବି, ସମୀକ୍ଷକ ଓ ପାଠକ ମଧ୍ୟରେ ଥିବା ବାସ୍ତବ ସତ୍ୟ ସମ୍ପର୍କଟି ସତେ ଯେମିତି ଝରି ପଡ଼ିଛି ସ୍ୱତସ୍ଫୁର୍ତ ଭାବରେ । ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ,ଏହି ବିଷୟରେ କହିବାକୁ ଯାଇ ଲେଖିଛନ୍ତି-

"ବିବେକୀ ଗ୍ରାହକ କୋଟି କବି ଆୟୁ ଘେନ
ବଞ୍ଚିଥିଲେ କବି କବିତ୍ୱ କି ହେବ ମ୍ଲାନ ।"
(ବିଦଗ୍ଧ ଚିନ୍ତାମଣି )

ସାହିତ୍ୟକୁ ଉପଭୋଗ କରିବା ପାଇଁ ବିବେକୀ ଗ୍ରାହକର ଆବଶ୍ୟକତା ଅଛି ବୋଲି ସେ ଉପଲବ୍ଧି କରିଛନ୍ତି । ବାସ୍ତବରେ ବିବେକର ନିକଟରେ କୌଣସି କବିତା ମୂଲ୍ୟହୀନ ହୋଇନପାରେ । ପୁଣି ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟ ଉପଭୋଗ ଓ ସମାଲୋଚନା କରିବା ସମ୍ପର୍କରେ ଜଗବନ୍ଧୁ ସିଂହ କହିଛନ୍ତି - "ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଷମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ୱ

ହୃଦୟସ୍ପର୍ଶୀ କରିବା କଠିନ । ବାସ୍ତବରେ ପ୍ରାଚୀନ ସାହିତ୍ୟ ଉପଭୋଗ କରିବା ପାଇଁ ଆଧୁନିକ ଦୃଷ୍ଟିଭଙ୍ଗୀ ରହିଲେ ଚଳିବ ନାହିଁ । ସମୟକ୍ରମେ ବହୁ ପତ୍ରପତ୍ରିକାରେ ସାହିତ୍ୟ ସୃଷ୍ଟି ସମାଲୋଚନା ହୋଇଛି । ସମାଲୋଚନା ପର୍ବରେ 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ । ସମାଲୋଚନାର ଖଣ୍ଡଯୁଦ୍ଧ ଆରମ୍ଭ ହୁଏ ଏହି ଦୁଇଟି ପତ୍ରିକାରୁ । ରାଧାନାଥଙ୍କ ସାହିତ୍ୟସୃଷ୍ଟିକୁ ବିରୋଧ କରି ନୀଳକଣ୍ଠ ଦାସ କହିଛନ୍ତି -

"କମ୍ପାଇ  ଯିବେ ସେ ବୀର ବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦ କ୍ଷୀଣ ଚନ୍ଦ୍ରିକା
କଉସୁଲି ଗଙ୍ଗ ଧଉଳ ଏହି ନୟନେ ନାଚେ
କବିଙ୍କୁ ସୁମରି ବିରାଗେ ମୁହଁ ଫେରାଅ ପଛେ ।"

ପୁଣି ରାଧାନାଥଙ୍କୁ ବିରୋଧ କରି ଗୋପବନ୍ଧୁ ଯେଉଁ ଉକ୍ତିଟି ଲେଖିଥିଲେ, ସେଥିପାଇଁ ତାଙ୍କର ଛାତ୍ରବୃତ୍ତି  ପାଇବାରୁ ବଞ୍ଚିତ ହୋଇଥିଲେ । ସେହି ପଦ୍ୟାଂଶଟି ହେଉଛି -

"ଧଡ଼ିଆ ପଣ୍ଡିତମନ୍ୟ
ବାଉରୀ ସାହିରେ ଶୃଗାଳ କେଶରୀ ପରି ହେଉଥାନ୍ତି ଗଣ୍ୟ ।"

ଆଧୁନିକ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ତିନି ଜଣ ପଣ୍ଡିତ ହେଲେ - ଗୋପୀନାଥ ନନ୍ଦଶର୍ମା, ମୃତ୍ୟୁଞ୍ଜୟ ରଥ ଓ ଶ୍ୟାମସୁନ୍ଦର ରାଜଗୁରୁ । ଗୋପୀନାଥ ନନ୍ଦଶର୍ମାଙ୍କ 'ଶ୍ରୀ ଭାରତ ଦର୍ପଣ', 'ଶ୍ରୀମଦ୍ ଭଗବତ୍ ଗୀତା' ଓ ମୃତ୍ୟୁଞ୍ଜୟ ରଥଙ୍କ ତିନିଜଣ କବିଙ୍କ ଜୀବନୀ ପୁସ୍ତକ ଯଥା- 'ସାରଳା ଚରିତ୍ର', 'କର୍ମଯୋଗୀ ଗୌରୀଶଙ୍କର', 'ବ୍ରହ୍ମର୍ଷି ମଧୁସୂଦନ' ଆଦି ସମାଲୋଚନା ସାହିତ୍ୟ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ସୃଷ୍ଟିକଲା । ପରବର୍ତ୍ତୀ ସମୟରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ 'ପ୍ରବନ୍ଧାବଳୀ' ସମାଲୋଚନା ସାହିତ୍ୟକୁ ସୁଦୃଢ଼ କରିବାରେ ସକ୍ଷମ ହୋଇପାରିଥିଲା ।

ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସତ୍ୟବାଦୀ ସାଧକଙ୍କ ମଧ୍ୟରେ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ବିନାୟକ ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ଦାସ, ବଂଶୀଧର ମହାନ୍ତି ଓ ନଟବର

ସାମନ୍ତରାୟ ହେଉଛନ୍ତି ସମାଲୋଚନା ସାହିତ୍ୟର ଅଗ୍ରସାରଥୀ । ସବୁଜ ଯୁଗରେ କାଳନ୍ଦୀ ଚରଣ ପାଣିଗ୍ରାହୀ, ଅନ୍ନଦାଶଙ୍କର ରାୟ, ମାୟାଧର ମାନସିଂହ ପ୍ରମୁଖ ସମାଲୋଚନା ସାହିତ୍ୟ କ୍ଷେତ୍ରକୁ ଓହ୍ଲାଇ ଆସିଛନ୍ତି । ପ୍ରଗତିବାଦୀ ଓ ଆଧୁନିକ ଯୁଗର ବହୁ କବିଙ୍କ ସମାଲୋଚନା ସାହିତ୍ୟ ସୃଷ୍ଟି ଓଡିଆ ସାହିତ୍ୟକୁ କରିପାରିଛି ଐଶ୍ୱର୍ଯ୍ୟ ଶାଳିନୀ ଓ ସ୍ୱୟଂସଂପୂର୍ଣ୍ଣ । ସାହିତ୍ୟ କ୍ଷେତ୍ରରେ ସମାଲୋଚନାର ଆବଶ୍ୟକତା ରହିଛି ।

ଗବେଷିକା ରଞ୍ଜିତା ପାତ୍ର

ଶାନ୍ତିନିକେତନ

# ଧର୍ମ ଓ ଭଣ୍ଡବାବା : ମାନସିକ ସମସ୍ୟା

ଡାକ୍ତର ସମ୍ରାଟ କର



ସଂଧ୍ୟା ସମୟ୍ର ନଇକୂଳରେ ଏକା ବସିଥାଏ । ମୋର ପିଲାଦନର ସାଙ୍ଗ ହର ହଠାତ୍ ବାଇକ୍ ଆଣି ପାଖରେ ରଖିଦେଲା । ବଚଳତ ଜଣାପଡୁଥାଏ । ମୁଁ ପଗ୍ୱରଲ ଏବେ ତୁ ମନ୍ଦିରରେ ଥିବା କଥା ? ଆଜ ବୁଲୁଛୁ, ସେ ଥକ୍କାମାର ମୋ ପାଖରେ ବସିଗଲା । କହଲା, ମନ ଭଲ ଲାଗୁନାହିଁ । ଏତେଜଣ 'ଧର୍ମଗୁରୁ', 'ବାବା' ଠକ୍ ବୋଲ ଧରାପଡ଼ିଲେଣି । ଆଉ ଧର୍ମ ଉପରେ ଆସ୍ଥା ନାହିଁ । ମୁଁ ପଗ୍ୱରଲ ତୋର ଧର୍ମ ଉପରେ ବଶ୍ୱାସ ନାହିଁ ନା ଧର୍ମଗୁରୁଙ୍କ ଉପରେ ? ମୋଠାରୁ ଏପର ଏକ ପ୍ରଶ୍ନ ସେ ଆଶା କର ନଥିଲା । ଅବାକ୍ ହୋଇ ଗ୍ୱହିଁଲା । ପାନଖଣ୍ଡେ ପାଟିରେ ପୁରଇ ପଗ୍ୱରଲା ତେବେ କହଲୁ ଧର୍ମ କଅଣ ? ଧର୍ମଗୁରୁ କଏ ? ଧର୍ମ କଅଣ ଅନ୍ଧ ବଶ୍ୱାସ । ଆଜକାଲ ଗୁଣିର ପ୍ରଭାବ ବୋଲ ଭାବ ଲୋକଗୁଡ଼ାକୁ ଜୀବନରେ ମାର ଦେଉଛନ୍ତି । ଏହା ସବୁ କଅଣ ତମର ପାଠ ? ଏଥିରୁ କଅଣ ମାନସିକ ରୋଗ ହୁଏ ? ମୁଁ ମୁରୁକେଇ ହସି ଉତ୍ତର ଦେଲ 'ମନରେ ବସଇ ହର' ।

'ଧର୍ମ' ମାନବ ସମାଜର ଇତହାସ ସହତ ଜଡ଼ିତ । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ଧର୍ମ' ମାନବ ସମାଜର ଆବଶ୍ୟକତା । ଆଦମକାଳରୁ ଆମେ ପ୍ରକୃତକୁ ଭଗବାନଙ୍କ ରୂପରେ ପୂଜା କର ଆସିଛୁ । ମାନବ ସମାଜର ବକାଶ ସହତ ବଭନ୍ନ ଧର୍ମ ପୃଥିବୀରେ ଜନ୍ମ ନେଇଛ । ମାତ୍ର ସବୁ ଧର୍ମର ଆଧାର ସମାନ । ପ୍ରତ୍ୟେକ ଧର୍ମ ଏକ 'ଅଦୃଶ୍ୟ ଶକ୍ତି'କୁ ବଶ୍ୱାସ କରେ । ଧର୍ମ ବଶ୍ୱାସୀ ବ୍ୟକ୍ତିଟିଏ ମାନସିକ ଗ୍ୱପକୁ ଓ ମନୁଷ୍ୟ ଜୀବନର ଅସ୍ଥିରତାକୁ ସହଜରେ ନୟନ୍ତ୍ରଣ କରପାରେ । ମାତ୍ର କେତେକ ବଧି ଓ ଅନ୍ଧବଶ୍ୱାସ 'ମନ'ର ଗଠନମୂଳକ ବକାଶରେ ବାଧାସୃଷ୍ଟି କରନ୍ତି । ଭଗବାନଙ୍କର ଅସ୍ତିତ୍ୱ ଉପରେ ପ୍ରଶ୍ନ

କରିବା, ଜଣେ ମାନସିକ ରୋଗ ଚିକିତ୍ସକଙ୍କ କ୍ଷମତା ବାହାରେ । ମାତ୍ର ଜଣଙ୍କ ଧର୍ମପ୍ରତି ବିଶ୍ୱାସ ଓ ବ୍ୟବହାର କିଭଳି ତା'ର ମନ ଓ ଶରୀର ଉପରେ ପ୍ରଭାବ ପକାଏ, ସେ ବିଷୟରେ ଆଲୋଚନା କରିପାରିବା । ଭାରତବର୍ଷରେ ହିନ୍ଦୁ, ମୁସଲିମ, ଶିଖ, ଖ୍ରୀଷ୍ଟିଆନ ଓ ଜୈନ ଆଦି ବିଭିନ୍ନ ଧର୍ମାବଲମ୍ବୀ ଲୋକ ବାସ କରନ୍ତି । ଏଠାରେ ଜଣେ ଅପାଠୁଆ ଗୃଷୀ, ମୂଲିଆ ତଥା ଗୃହିଣୀର ଧର୍ମ ଓ ଦର୍ଶନଶାସ୍ତ୍ର ଉପରେ ଜ୍ଞାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ।

## ଧର୍ମ :

ଧର୍ମ ହେଉଛି ଏକ 'ଅଦୃଶ୍ୟ ଶକ୍ତି' ପ୍ରତି ଅଗାଢ଼ ବିଶ୍ୱାସ । ବିଭିନ୍ନ ବିଧି, ଅଭ୍ୟାସ ଓ ପ୍ରତୀକ ଏହି ଅଦୃଶ୍ୟ ଶକ୍ତିର ନିକଟତର କରାଏ । ତେବେ ଧର୍ମ ଓ ମାନସିକ ସମସ୍ୟା କିଭଳି ପରସ୍ପର ସହିତ ଜଡିତ ? ମଧ୍ୟଯୁଗରେ ମାନସିକ ସମସ୍ୟାକୁ ଭୂତପ୍ରେତ ଓ ଗୁଣିଗାରେଡ଼ିର ପ୍ରଭାବ ବୋଲି ବିଶ୍ୱାସ କରୁଥିଲେ । ଦେବାଦେବୀଙ୍କର ଅଭିଶାପରୁ ଲୋକଟି ଏପରି ବ୍ୟବହାର କରୁଛି ବୋଲି ଭାବି ସେମାନଙ୍କୁ ଯନ୍ତ୍ରଣା ଦିଆଯାଉଥିଲା । ଗବେଷଣାରୁ ଜଣାପଡ଼ିଲା ଯେ, ଏହାସବୁ ଅନ୍ଧବିଶ୍ୱାସ । ଆଧୁନିକ ଚିକିତ୍ସା ପଦ୍ଧତିର ସାହାଯ୍ୟ ନିଆଗଲା । ମାତ୍ର ଏବେ ମଧ୍ୟ କେତେକ ଆଦିବାସୀ ଅଧ୍ୟୁଷିତ ସ୍ଥାନରେ ଲୋକମାନଙ୍କ ମନରେ ଏପରି ଅନ୍ଧବିଶ୍ୱାସ ରହିଛି । ଗୁଣି ହୋଇଛି ସନ୍ଦେହ କରି ଲୋକମାନଙ୍କୁ ଯନ୍ତ୍ରଣା ଦିଆଯାଉଛି । ଜୀବନ୍ତ ମଧ୍ୟ ବଳି ଦିଆଯାଉଛି ।

ଧର୍ମ ଓ ମାନସିକ ସମସ୍ୟା ମଧ୍ୟରେ ସଂପର୍କ ଜାଣିବାକୁ ହେଲେ, ଲୋକଟି ଜୀବନରେ ଧର୍ମର ସ୍ଥାନ ଜାଣିବା ଦରକାର । ଧର୍ମପ୍ରତି ବିଶ୍ୱାସ ଜଣଙ୍କର ସହନଶୀଳତା, ସମସ୍ତଙ୍କୁ ଗ୍ରହଣ କରିବାର ଶକ୍ତି, ନିଜର ମନକୁ ଦୃଢ଼ କରିବାର କ୍ଷମତା ଓ ମନରେ ଶାନ୍ତି ଆଣିବାରେ ସାହାଯ୍ୟ କରେ । ମାତ୍ର କେତେଜଣ ଧର୍ମ ବିଶ୍ୱାସୀ ନିଜକୁ ଅତ୍ୟଧିକ ବିଶ୍ଳେଷଣ ଓ ସମାଲୋଚନା କରନ୍ତି । ମନରେ ଗ୍ଲାନିଆ ପଶେ ଓ ବିଷାଦଗ୍ରସ୍ତ ହୁଅନ୍ତି । ଜଣେ ଅତ୍ୟଧିକ ମାନସିକ ଗ୍ଚାପରେ ଥିଲେ ବା ଶାରୀରିକ ରୋଗ ହୋଇଥିଲେ ଧର୍ମପରାୟଣ ହେବାର ଦୃଷ୍ଟାନ୍ତ ଅଛି । କେତେଜଣ ଧର୍ମ ପରିବର୍ତ୍ତନ ମଧ୍ୟ କରନ୍ତି ।

## ଧର୍ମଗୁରୁ କିଏ ?

କେତେଜଣ 'ଅଦୃଶ୍ୟ ଶକ୍ତି' ଉପରେ ଅତ୍ୟଧିକ ବିଶ୍ୱାସ କରନ୍ତି । ଏହି 'ଅଦୃଶ୍ୟ ଶକ୍ତି'କୁ ନିଜର ମନରେ ଏକ ଆକାର ଦିଅନ୍ତି । ଏହି ଶକ୍ତିକୁ ନିକଟରେ ପାଇବାକୁ ଇଚ୍ଛା କରନ୍ତି । ନିର୍ଜୀବ ବସ୍ତୁକୁ ଭଗବାନଙ୍କ ରୂପ ଦିଅନ୍ତି । ହିନ୍ଦୁମାନେ ପ୍ରକୃତିଠାରେ ଯେପରିକି ପବନ, ସୂର୍ଯ୍ୟ, ନଦୀ ଓ ପଥର ମଧ୍ୟରେ ଭଗବାନଙ୍କୁ ଖୋଜି ଥାଆନ୍ତି । ଆଉ କେତେଜଣ ଏହି 'ଅଦୃଶ୍ୟ ଶକ୍ତି'କୁ ଜୀବନ୍ତ ଆକାର ଦିଅନ୍ତି । ସେମାନେ ପଶୁ, ପକ୍ଷୀ ଓ କେତେକ ସ୍ଥଳରେ ବ୍ୟକ୍ତିପୂଜା ମଧ୍ୟ କରନ୍ତି । ଯେଉଁ ବ୍ୟକ୍ତିମାନଙ୍କର ଧର୍ମ ଉପରେ ଅଧିକ ଜ୍ଞାନ ଥାଏ, ସେମାନଙ୍କୁ ଲୋକମାନେ 'ଅଦୃଶ୍ୟ ଶକ୍ତି'ର ନିକଟତର ବା ରୂପ ବୋଲି ମାନି ନିଅନ୍ତି । ସେମାନଙ୍କୁ 'ଗୁରୁ' ବା 'ବାବା'ର ଆଖ୍ୟା ଦିଆଯାଏ । ଏହି 'ଗୁରୁ' ବା 'ବାବା'ମାନେ ପ୍ରାୟତଃ ନିରାଡ଼ମ୍ବର ଜୀବନଯାପନ କରନ୍ତି । ସେମାନେ ସମାଜରେ ଆଦର୍ଶ ବ୍ୟବହାର କରନ୍ତି । ସମସ୍ତେ ସେମାନଙ୍କୁ ଅନୁସରଣ କରନ୍ତି । ମାନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସେମାନେ ସମାଜ ପାଇଁ ମନସ୍ତତ୍ତ୍ୱବିତ୍‌ର କାର୍ଯ୍ୟ କରନ୍ତି । ଅତ୍ୟଧିକ ମାନସିକ ଚାପରେ ପଡ଼ି ଲୋକଟି ଚିନ୍ତିତ ବା ବିଷାଦଗ୍ରସ୍ତ ଥିଲେ 'ବାବା'ଙ୍କର ଆଶୀର୍ବାଦ ଟନିକ୍‌ପରି ଭଳି କାର୍ଯ୍ୟକରେ । ସବୁ ବିପତ୍ତିର ହସି ହସି ମୁକାବିଲା କରିବାକୁ ତା'ର ମନରେ ବିଶ୍ୱାସ ଥାଏ ।

## ଭଣ୍ଡବାବା ଓ ଗୁଣିଆ :

ଏଭଳି କେତେଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ଭଗବାନଙ୍କର ରୂପବୋଲି ପ୍ରଚାର କରନ୍ତି । ଧର୍ମଠାରୁ ଦୂରରେ ରହନ୍ତି, ଅଧିକାଂଶ ସମୟ ମଉଜ ମଜ୍‌ଲିସ୍‌ରେ ଜୀବନ ବିତାନ୍ତି । ମାନସିକ ସମସ୍ୟା ଥିବା ଲୋକମାନେ ମାନସିକ ସ୍ତରରେ ଦବି ଯାଆନ୍ତି । ଜଣେ 'ମାନସିକ ବିଷାଦ'ଗ୍ରସ୍ତ ବ୍ୟକ୍ତି ସବୁବେଳେ ଦୁଃଖିରହେ । 'ସିଜୋଫ୍ରେନିଆ' ରୋଗୀଟି ବିଶ୍ୱାସ କରେ ଯେ ତାକୁ ଗୁଣି ହୋଇଛି ଓ ତା' ବିରୁଦ୍ଧରେ ସବୁ ଷଡ଼ଯନ୍ତ୍ର କରୁଛନ୍ତି । ଲୋକଟିକୁ 'ଶୁଚୀବାଇ' ରୋଗ ହୋଇଥିଲେ ସେ ବାରମ୍ବାର ହାତଗୋଡ଼ ଧୂଆଧୋଇ କରେ । ଏଭଳି ନକଲେ କୌଣସି ଏକ ଅଦୃଶ୍ୟଶକ୍ତି ତା'ର ଅସୁବିଧା କରିବ

ବୋଲି ବିଶ୍ୱାସ କରେ । 'ହିଷ୍ଟେରିଆ' ରୋଗରେ ଲୋକଟି ଅଧିକାଂଶ ସମୟରେ ଠାକୁରାଣୀ ବା ଭୂତ ଲାଗିଲା ପରି ବ୍ୟବହାର କରେ । ଏଭଳି ଦୁର୍ବଳମନା ବ୍ୟକ୍ତି ଓ ତା' ପରିବାରଙ୍କର ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି ଏହି ତଥାକଥିତ 'ବାବା'ମାନେ । ସେମାନେ ନିଜକୁ ଅଦୃଶ୍ୟଶକ୍ତିର ରୂପ ବୋଲି କହି ବୁଲନ୍ତି । ଗୁଣିଗାରେଡ଼ି ଓ ପୂର୍ବଜନ୍ମର ଅଭିଶାପ ଏହିସବୁ ମାନସିକ ସମସ୍ୟାର କାରଣ ବୋଲି କହନ୍ତି । ସହଜ ଉପାୟରେ, ଅର୍ଥଦ୍ୱାରା ବିଭିନ୍ନ ମାନସିକ ସମସ୍ୟାର ସମାଧାନ କରିପାରିବେ ବୋଲି ଲୋକମାନଙ୍କ ମନରେ ବିଶ୍ୱାସ ସୃଷ୍ଟି କରନ୍ତି । କାର୍ଯ୍ୟସିଦ୍ଧି ପାଇଁ ଓ ଅନ୍ୟର ଅନିଷ୍ଟ କରିବା ପାଇଁ ଅର୍ଥର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତି । ଧର୍ମକୁ ଅବିଶ୍ୱାସ କରୁଥିବା ଲୋକମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବାକୁ ନିଜର ଭକ୍ତମାନଙ୍କୁ ଉପଦେଶ ଦିଅନ୍ତି । ସେମାନଙ୍କ ବିଷୟରେ ଆଲୋଚନା କରିବା ଓ ସଂପୂର୍ଣ୍ଣ ବିଶ୍ଳେଷଣ କରିବା ଏହି ନିବନ୍ଧର ପରିସର ବାହାରେ ।

## ଧର୍ମ ଓ ମାନସିକ ସମସ୍ୟା :

୧. ମାନସିକ ବିଷାଦ : ମଣିଷ ଜୀବନ ମଧ୍ୟରେ ବିଭିନ୍ନ ବିପତ୍ତି ଆସେ । ଉଦାହରଣ ସ୍ୱରୂପ ବଡ଼ ଶାରୀରିକ ରୋଗ, ଆତ୍ମୀୟମାନଙ୍କ ମୃତ୍ୟୁ, ପ୍ରାକୃତିକ ଦୁର୍ବିପାକ ଇତ୍ୟାଦି । ଲୋକମାନଙ୍କ ଉପରେ ମାନସିକ ଚାପ ପଡ଼େ । ସେମାନେ ବିଷାଦଗ୍ରସ୍ତ ହୁଅନ୍ତି । ମାତ୍ର ଧର୍ମପ୍ରତି ବିଶ୍ୱାସ ରଖିଥିବା ବ୍ୟକ୍ତିଟି 'ଯାହା ଭଗବାନଙ୍କର ଇଚ୍ଛା' ବୋଲି ଭାବି ଭୁଲିବାକୁ ଚେଷ୍ଟା କରେ । ଅନ୍ୟମାନଙ୍କୁ କଷ୍ଟ ହୁଏ ।

୨. ଅତ୍ୟଧିକ ଚିନ୍ତିଆ ହେବା : ଅଧିକ ଧର୍ମବିଶ୍ୱାସୀ ଲୋକମାନେ ହଠାତ୍ ଚିନ୍ତିଆ ହୁଅନ୍ତି ନାହିଁ । ମାତ୍ର ଜାଣିତରେ ବା ଅଜାଣିତରେ ଧର୍ମର ଅବମାନନା କଲେ, ଚିନ୍ତିଆ ହୋଇଯାଆନ୍ତି । ବିଚଳିତ ହୋଇପଡ଼ନ୍ତି ।

୩. ନିଶାସେବନ : ଧର୍ମପରାୟଣ ବ୍ୟକ୍ତିମାନଙ୍କ ନିଶାସେବନ ପ୍ରତି ଆଗ୍ରହ କମ୍‌ଥାଏ । ହିନ୍ଦୁ ଧର୍ମ ପାଳନ କରୁଥିବା କେତେକ ଲୋକ ଯଦିଓ ଅନ୍ୟ ସମୟରେ ନିଶାସେବନ କରନ୍ତି, ମାତ୍ର ପୂଜା ସମୟରେ ଯେପରିକି ନବରାତ୍ରରେ ନିଶାକୁ ଛୁଅଁନ୍ତି ନାହିଁ । ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଓ ଗୁରୁଦ୍ୱାର ଯାଇଥିବା ସମୟରେ ଅଧିକାଂଶ ଲୋକ ନିଶାସେବନ କରନ୍ତିନାହିଁ ।

୪. ବ୍ୟକ୍ତିତ୍ୱ : ଲୋକଟି ମନ୍ଦିର, ମସ୍‌ଜଦ, ଚର୍ଚ୍ଚ ବା ଗୁରୁଦ୍ୱାରକୁ ଯାଇ ସମସ୍ତଙ୍କ ସହିତ ପୂଜା କରୁଛି ନା ଏକାକୀ ରହିବାକୁ ଚାହୁଁଛି ? ଏଥିରୁ ଲୋକଟିର ବ୍ୟକ୍ତିତ୍ୱ ଓ ଏହାର ପରିବର୍ତ୍ତନ ବିଷୟରେ ଜାଣିପାରିବା ।

୫. ଯୌନ ସମସ୍ୟା : ପ୍ରାୟ ପ୍ରତ୍ୟେକ ଧର୍ମରେ ବିବାହ ବର୍ହିଭୂତ ଯୌନ ସଂପର୍କ ରଖିଲେ ପାପ ବୋଲି ଧରାଯାଏ । ଏପରି କାର୍ଯ୍ୟରେ ଲିପ୍ତହେଲେ ଧର୍ମ ବିଶ୍ୱାସୀ ବ୍ୟକ୍ତିଟି ନିଜକୁ ଦୋଷୀ ମନେକଲେ । ମାନସିକ ଚାପଯୋଗୁଁ ବିଭିନ୍ନ ଯୌନ ସମସ୍ୟା ଦେଖାଯାଏ ।

## ଧର୍ମ ଓ ମନସ୍ତାତ୍ତ୍ୱିକ ଚିକିତ୍ସା :

୧. ଆତ୍ମୀୟ ସ୍ୱଜନଙ୍କର ମୃତ୍ୟୁ ହେଉଛି ଜଣଙ୍କ ଜୀବନରେ ସବୁଠାରୁ ଅଧିକ ମାନସିକ ଚାପ । ମାତ୍ର ଜଣଙ୍କର ମୃତ୍ୟୁ ଯଦି ଭଲ ଦିନରେ (ରଥଯାତ୍ରା) କିମ୍ବା ପୂଣ୍ୟ ଜାଗା(କାଶୀ-ବାରଣାସୀ)ରେ ହୁଏ ଲୋକମାନଙ୍କୁ ଗ୍ରହଣ କରିବାକୁ ସହଜ ହୁଏ । କାରଣ ଲୋକଟି ମୃତ୍ୟୁ ପରେ ସିଧା ସ୍ୱର୍ଗକୁ ଗଲାବୋଲି ହିନ୍ଦୁଧର୍ମୀ ବିଶ୍ୱାସ କରନ୍ତି ।

୨. 'କାମ କରିଚାଲ, ଫଳ ଭଗବାନଙ୍କ ଉପରେ ଛାଡ଼ିଦିଅ' । ଏହି ବାକ୍ୟଟି ଉପରେ ଜଣେ ବିଶ୍ୱାସ କଲେ, ତାର ଯେକୌଣସି କାର୍ଯ୍ୟ କରିବାକୁ ମନରେ ସାହସ ଆସେ । ସେ ଜାଣିପାରେ ଯେ, ଫଳ ଅଧିକାଂଶ ସମୟରେ ନିଜର ନିୟନ୍ତ୍ରଣ ବାହାରେ । ଯାହା ଆମ ନିୟନ୍ତ୍ରଣ ବାହାରେ, ତାହା ଉପରେ ଅଧିକ ଭାବନା ଓ ଆଲୋଚନା କରିବାର ପ୍ରୟୋଜନ ନାହିଁ । ତେଣୁ ବ୍ୟକ୍ତିଟିର ଅତ୍ୟଧିକ ଚିନ୍ତାଆ ଭାବ ଓ ମାନସିକ ବିଷାଦ କମ୍ ହୋଇଥାଏ ।

୩. ଅତ୍ୟଧିକ ଶାରୀରିକ ଓ ମାନସିକ ସମସ୍ୟା ହୋଇଥିଲେ କେତେଜଣ ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ 'ଧର୍ମ'ର ସାହାଯ୍ୟ ନିଅନ୍ତି । ଅଧିକାଂଶ ଲୋକ ଚିକିତ୍ସାର ସାହାଯ୍ୟ ନିଅନ୍ତି ଓ ବାକି ଭଗବାନଙ୍କ ଉପରେ ଛାଡ଼ିଦିଅନ୍ତି । ସେମାନେ ଏହିଭଳି ନିଜର ମନ ଖୁସି ରଖନ୍ତି । ଏହା ଲୋକଟି ପାଇଁ ଲାଭଦାୟକ ହୋଇଥାଏ । ମାତ୍ର ଆଉ କେତେଜଣ ଔଷଧ ନଖାଇ ସବୁ ଦୋଷ ଭଗବାନଙ୍କ ଉପରେ ଛାଡ଼ିଦିଅନ୍ତି । ସେମାନେ ବିଷାଦଗ୍ରସ୍ତ ରହନ୍ତି ଓ ନିଜର କ୍ଷତିକରନ୍ତି ।

୪. 'ଯୋଗ'କୁ ଚିକିତ୍ସା ପଦ୍ଧତି ଭାବେ ବ୍ୟବହାର କରାଯାଏ । ଏହା ମନର ଉଦ୍‌ବେଗ, ଗ୍ଲାନିଆଭାବ, ନିଦ୍ରାହୀନତା କମ୍ କରିଥାଏ । ମାନସିକ ଗ୍ଲାପ ମଧ୍ୟ କମ୍ କରିଥାଏ ଓ ମନକୁ ଶାନ୍ତ ମଧ୍ୟ ରଖେ । ଏହା ବିଭିନ୍ନ ଶାରୀରିକ ସମସ୍ୟାର ଚିକିତ୍ସା ଭାବି ମଧ୍ୟ ବ୍ୟବହାର କରାଯାଏ ।

୫. ଶ୍ରୀମଦ୍ ଭଗବତ ଗୀତା : ଜଣେ ବ୍ୟକ୍ତିର ବ୍ୟବହାର କିଭଳି ହେବା ଉଚିତ୍ ଓ କେଉଁ ପରିସ୍ଥିତିରେ କିଭଳି ବ୍ୟବହାର କରିବା ଆବଶ୍ୟକ, ତାହା ଏଥିରେ ଉଲ୍ଲେଖ ଅଛି । ଜଣେ ସ୍ଥିର ଚିତ୍ତ ମନୁଷ୍ୟ ବା ଭାରସାମ୍ୟ ରଖିପାରୁଥିବା ବ୍ୟକ୍ତି ନିଜର ମନ, ଭାବନା ଓ ଇନ୍ଦ୍ରୀୟକୁ ନିୟନ୍ତ୍ରଣରେ ରଖିପାରେ । ଏହାକୁ ଅନୁସରଣ କଲେ ମାନସିକ ସମସ୍ୟା କମ୍ ହେବାର ସମ୍ଭାବନା ଥାଏ ।

## ଶେଷକଥା :

'ଧର୍ମ' ମନୁଷ୍ୟ ମନର ଏକ ଭ୍ରମଧାରଣା ବୋଲି ପୂର୍ବରୁ ମାନସିକ ରୋଗ ବିଶେଷଜ୍ଞମାନେ ଚିନ୍ତା କରୁଥିଲେ । ସମୟ ବଦଳିଛି । ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ, ଧର୍ମ ଓ ମାନସିକ ସମସ୍ୟା ପରସ୍ପର ସହିତ ଜଡ଼ିତ । ମାନସିକ ରୋଗର ଚିକିତ୍ସା କରିବା ସମୟରେ ଧର୍ମ ଓ ସଭ୍ୟତାର ସାହାଯ୍ୟ ନେବାକୁ ପଡ଼ିବ । ଧର୍ମ ଓ ଧର୍ମଗୁରୁଙ୍କ ଉପରେ ଥିବା ବିଶ୍ୱାସ, ଲୋକଟି ମନକୁ ଶାନ୍ତ କରିପାରିବ ।

ମାତ୍ର ଏହି ସମୟରେ ଲୋକଟି 'ଭଣ୍ଡବାବା'ମାନଙ୍କଠାରୁ କିପରି ଦୂରେଇ ରହିବ, ସେଥିପାଇଁ ଯତ୍ନବାନ ହେବା ଆବଶ୍ୟକ । ମାନସିକ ରୋଗ ଚିକିତ୍ସକ ଓ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ବିଭିନ୍ନ ଧର୍ମ ବିଷୟରେ ଜ୍ଞାନ ରହିବା ଉଚିତ୍ । ଏହା ମାନସିକ ରୋଗୀମାନଙ୍କର ଚିକିତ୍ସାରେ ନିଶ୍ଚିତ ଭାବେ ସହାୟକ ହେବ ।

ସହକାରୀ ଅଧ୍ୟାପକ, ମାନସିକ ରୋଗ ବିଭାଗ,
ପୁରୀଘାଟ ରୋଡ଼, କଟକ-୭୫୩୦୦୯
ମୋବାଇଲ-୯୯୩୭୪୩୩୩୩୩

# ମୁଁ କିଏ !!!

ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ



ସଂସାର ନୀତି ନିୟମ ଛାଡ଼ି ଜଞ୍ଜାଳ ଜାଲରେ
ବନ୍ଧନ ମୁକ୍ତ କରି ମୋକ୍ଷ ପାଇଁ ଜୀବନରେ
ଏକାକି ଏ ବେଳାରେ ଭରି ପୀରତି
ହିନ୍ଦୁ ମୁସଲିମ ବା ଖ୍ରୀଷ୍ଟିୟାନ ଜାତି ଭକ୍ତି
ଘୃଣା କରେ ନାହିଁ ମନୁଷ୍ୟର ଚରିତ୍ରରେ
ସୁଦାମା ମୀରା ପାଇଁ କୃଷ୍ଣ ଏ ଜନ୍ମରେ
ଶୁଦ୍ଧ ଶାଶ୍ୱତ ପ୍ରେମ ପାଇଁ କି ଭେଦଭାବରେ
ପଞ୍ଚଭୂତର ଶରୀର ଲୀନ ଯିବ ପଞ୍ଚତତ୍ତ୍ୱରେ
ଆତ୍ମା ଅବିନାଶୀ ଅକ୍ଷୟ ଜନ୍ମ ନବ ଯୌବନରେ
ଏକ ପୂର୍ଣ୍ଣାଙ୍ଗ ଜୀବନ ଏକ ଇତିହାସ ନୂତନ
ଭିନ୍ନ ଭିନ୍ନ ରୂପ ଲାବଣ୍ୟ ସେହି ଚରିତ୍ର ଗଠନ
ମା ଭଗିନୀ ଜାୟା ଅପରୂପା ମାଧୁର୍ଯ୍ୟ ସୁନ୍ଦରୀର
ଷୋଡ଼ଶୀ କିଶୋରୀ କନ୍ୟାର ପ୍ରତିଶ୍ରୁତି ଏ ସୁତ୍ରର
ବାଛିବଗ୍ଗର ପାତରଅନ୍ତର ପରିପ୍ରେକ୍ଷୀରେ
ଏ ଜୀବନରେ ଜିଇଁବାକୁ ଦିଅ ମୋ ସ୍ମୃତିରେ
ଜୀବନରେ ଜଳି ଜଳି ସପନର ଆକାଶରେ
ସର୍ବଂସଂହା ରୂପେ ସଦା ତୁମ ପାଦତଳେ
ସରଗ ଏ ମୋ ପାଇଁ ଏ ସଂସ୍କୃତି ଦୁନିଆରେ
ଏକ ସ୍ୱର୍ଗତୁମ୍ବରା ଅପସରୀ ପୃଥିବୀର
ସମ୍ଭାର ଏ ନୂତନ ସୂରୁଜ ଉଜାଗର ଦୁନିଆର

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞା, ବ୍ରହ୍ମପୁର

# ଆକ୍ରମଣ

ଭଗୀରଥି ବେହେରା



ଘର ଭିତରେ
ପଶି ଯାଉଛି ଅଜଣା ଭାବନା
ଖିନ୍ ଭିନ୍ କରିଦେଉଛି ସମ୍ପର୍କ
ଜଣାଇ ଦେଉଛି ଆକ୍ରମଣର ସଙ୍କେତ ।୧ ।

ହୃଦୟ ଭିତରେ ମଳିନ କାହା ଛବି
ଦାଗ ମକଚ ହେଉଛି
ଆଉଟା ପାଉଟା ଅଭିମାନ,
ଯଦି କିଏ ଭାଙ୍ଗିପଡ଼େ କୁଢ଼ କୁଢ଼ ପ୍ରତାରଣାରେ
ଜଣାଇ ଦେଉଛି ଆକ୍ରମଣର ସଙ୍କେତ ।୨ ।

ପର ଆପଣାର ଚକ୍ରବ୍ୟୁହରେ
ଭାଙ୍ଗିଯାଉଛି ସମ୍ପର୍କର କାନ୍ଥ
ଭାଇ ଭାଇ ମଧ୍ୟରେ
ପାଇବା ହରେଇବାର ହିସାବ
ଜଣାଇ ଦେଉଛି ଆକ୍ରମଣର ସଙ୍କେତ ।୩ ।

ଦେଶର ସୀମାରେ ବନ୍ଧୁକର ଶବ୍ଦ

ସନ୍ତ୍ରାସବାଦୀ ଓ ନକ୍ସଲବାଦୀର ଅନ୍ତର୍ଦ୍ୱନ୍ଦ

ରକ୍ତର ସ୍ରୋତରେ ଶରୀର ଛିନ୍ନ ବିଛିନ୍ନ

ଅଞ୍ଚଳବାଦର ଦୁନ୍ଦୁଭି ବାଜିଲେ

ଜଣାଇ ଦେଉଛି ଆକ୍ରମଣର ସଙ୍କେତ ।୪ ।

ସ୍ୱଦେଶର ଛାଇରେ ବିଦେଶର ଆଲୁଅ

ଚରିତ୍ରର ସ୍ଖଳନ ପ୍ରତ୍ୟକ୍ଷ ପ୍ରମାଣ

କମି କମି ଯାଉଥିବା ସବୁଜିମା ବନପଥ

ମରୁଭୂମି ପାଲଟୁଥିବା ଗଙ୍ଗାର ଧାନ କ୍ଷେତର ଧାର

ଯଦି ଅଜାଣତ ପରିବର୍ତ୍ତନ ଆସିଯାଏ ଅସମୟରେ

ଜଣାଇ ଦେଉଛି ଆକ୍ରମଣର ସଙ୍କେତ ।୫ ।

ମାର୍ଫତ - ଲଛମନ ବେହେରା,

ମାଳୀସାହି, ଆଙ୍କୁଲି,

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ - ୭୭୪୯୯୮୪୩୩୩

# ଅହଂ ବ୍ରହ୍ମାସ୍ମି... ! ! !

ପ୍ରଶାନ୍ତ ଭୂୟାଁ



ସୃଷ୍ଟିର ସମୟଚକ୍ରରେ ବବର୍ତ୍ତନର ଏକ ସରୁମୁହାଁ ଗଳଦେଇ ମଣିଷ ଆଜ ନଜକୁ ଜୀବଜଗତର ସବୁଠାରୁ ଶ୍ରେଷ୍ଠ ଜୀବରୂପେ ନଜକୁ ଅଭହତ କର ବସିଛ । ହଜାର ହଜାର ବର୍ଷର ଅଳନ୍ଧୁ ଲାଗିଯାଇଥିବା ଇତହାସର ପୃଷ୍ଠା ହେଉ ଅବା ଭୌଗଳକ ରେଖାଙ୍କିତ ସୀମା ପରସୀମା ଭତରେ ନଜକୁ ଆବୋର ବସିଥିବା ରାଷ୍ଟ୍ରସମୂହ ହେଉ; ଏସବୁକୁ ଆଉଡ଼େଇଲେ ଯେଉଁ ବଭୀଷିକା ଆମକୁ ଜ୍ଞାତ ହେବ ସେଇଥିର ମୂକସାକ୍ଷୀ ହାତଗଣତ କେତୋଟି ତତ୍ତ୍ୱ ହିଁ ମିଳବ । ଧର୍ମ ଆଉ ତାକୁ ପ୍ରମାଣ କରବା ପାଇଁ ନଜସ୍ୱ ପ୍ରତଷ୍ଠିତ ଇଶ୍ୱର ତଥା ସେଇ ଧର୍ମ ପ୍ରଚାର ଆଉ ଇଶ୍ୱରଙ୍କ ରକ୍ଷା ନମନ୍ତେ ହେଉଥିବା ରକ୍ତାକ୍ତ ଯୁଦ୍ଧର ପ୍ରଳୟ । ନଜର ମାନସିକ ଶାନ୍ତ ତଥା ବଶ୍ୱଭାତୃତ୍ୱର ଦ୍ୱାହୀ ଦେଉଥିବା ଏଇ ଧର୍ମ କବଚରେ ମଣିଷ ନଜକୁ କେବଳ ଘାଇଲା କରନ ବରଂଚ ଅନ୍ୟ ଜାତ-ଧର୍ମ-ବର୍ଣ୍ଣକୁ ନୀଚତର ଦେଖାଇବାର ଯେଉଁ ପ୍ରଚେଷ୍ଟା କର ଆସିଛ ସେଇଥିରେ ସେ ନଜେ ଆଜ ଅନ୍ଧଗଳରେ; ଏକ ପଥହରା ପଥିକ ।

*ଅହଂ ବ୍ରହ୍ମାସ୍ମି;*

ଏଇ ଦବ୍ୟବାର୍ତ୍ତାରେ ଅଛ ସଂସାରର ସତ୍ୟ । ନଜକୁ ଖୋଜ ପାଇବାରେ ତଥା ଅନ୍ୟକୁ ବୁଝି ପାରବାରେ ଅଛ ବୁଦ୍ଧତ୍ୱ । ନତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ, ସତ୍,ପ୍ରତ୍ୟକ ଓ ଚୈତନ୍ୟ ରେ ଉଦ୍‌ବୁଦ୍ଧ ହେବା ହିଁ ଆତ୍ମତତ୍ତ୍ୱ । ନଗୂଢ଼ ସତ୍ୟ ଏଇ ଜୀବନର; ସଂଶୟ ଆଉ ନରାଶାବାଦରୁ ମୁକ୍ତିର ପଥ । ନଗୂଢ଼ ସତ୍ୟର ଅନ୍ୱେଷଣ; ସେଇତ ସମୟର କୁହୁକ । ସମୟ କେତେବେଳେ ଆଗକୁ ଚାଲଯାଏ କେତେବେଳେ ପଛକୁ ହେଲେ ଆମେ ସେଇ ମଞ୍ଚର ତ୍ରଶଙ୍କୁ । ବଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ସ୍ଥାନରେ ସମୟ ତଥା ମାଧ୍ୟାକର୍ଷଣ

ପରିବର୍ତ୍ତନଶୀଳ । ଏହାକୁ ନେଇ ହିଁ ଜୀବମଣ୍ଡଳର ସୃଷ୍ଟି ଆଉ ବିଲୟ । କେତେବେଳେ ଏହା ବୁଝିବାକୁ ନିଜର ସମୟ ତ କେତେବେଳେ ଏହା ଅନ୍ୟକୁ ବୁଝେଇବାରେ ନିଜର ସମୟ ହିଁ ବ୍ୟୟ କରିବାକୁ ପଡେ । ଏଣୁ ସମୟ ଆମକୁ କୋରିଦଏ; କେବେ ଶରୀରଗତ ତ କେବେ ଆତ୍ମାଗତ । ସଂସ୍କୃତି ସମାଜ ସମୟର ବିବର୍ତ୍ତନ ସମାନ୍ତର ହୋଇପାରିନି ।ଏଣୁ ପ୍ରଗତି ଆମକୁ କେତେବେଳେ ସମାନ୍ତର ବୋଧହୁଏ ତ କେତେବେଳେ ଗୁଣୋତ୍ତର ।

ଆମ୍ଭେ ଯେଉଁ ସମୟକୁ ସୂର୍ଯ୍ୟାସ୍ତ ଭାବେ ଅତି ଆନନ୍ଦର ସହ ଉପଭୋଗ କରିଥାଉଁ ; ଅସଲରେ ସେଇ ସୂର୍ଯ୍ୟାସ୍ତ ୮ମିନିଟ୍‌ଆଗରୁ ସରି ଯାଇଥାଏ । ଏହା ହିଁ ସମୟର ଭେଜବାଜି । ଏଣୁ ଏହି ସଂଶୟରୁ ମୁକ୍ତି ପାଇବାକୁ ହେଲେ, ନିର୍ବାଣ ଅଥବା ଛାୟା-ମାୟାରେ ବାୟା ହେବାକୁ ପଡ଼ିବ ।

*ମନୁଷ୍ୟ ବାଟ ହୁଡ଼ିଯାଏ; ବାଟ ସେଇମିତି ଥାଏ ।*

ଏତେ ଧର୍ମଗୁରୁ, ଧର୍ମଗ୍ରନ୍ଥ, ଧର୍ମସ୍ଥଳୀ ସବୁ ସେଇମିତି ଅଛନ୍ତି ହେଲେ ଧର୍ମ ଅବୁଝା ହୋଇ ରହିଛି ଏବେଯାଏଁ । ଯେ ଅଜ୍ଞ ସେ ଜାଣିବାକୁ ପଗ୍ରରେ ଯେ ବିଜ୍ଞ ସେ ଜଣେଇବାକୁ ବୁଝାଏ । ଏଇ ବୁଝାବୁଝିରେ ଯେବେ ଧର୍ମ ମଧ୍ୟସ୍ଥି ହୁଏ ସେତେବେଳେ ସବୁ ଓଲଟପାଲଟ ହୋଇଯାଏ । ଅଜ୍ଞ ଦୁଇପଦ ପଛକୁ ଆଉ ବିଜ୍ଞ ଚତୁରତାର ଦଶପାଦ ଆଗକୁ ଆଗେଇ ଆସେ । ସେତେବେଳେ ସମାଜରେ ଅଭ୍ୟୁଦୟ ହୁଏ ଏଇ ସବୁ ସ୍ୱପ୍ରତିଷ୍ଠିତ ଆଉ ସମ୍ବୋଧିତ ବାବା, ଗୁରୁ ସବୁ ଆଉ ତିଆରି ହୁଏ ଗାଦୀ, ପୀଠ ଆଉ ସବୁ ଆନୁଷଙ୍ଗିକ ତତ୍ତ୍ୱ ।

ଧର୍ମ ବିଷୟ ଅତି ସୂକ୍ଷ୍ମ ଆଉ ଯାହାର ଜ୍ଞାନ ଥିଲେ ଏହା ଆପତ୍କାଳରେ ମନୁଷ୍ୟକୁ ପ୍ରକୃତ ରାସ୍ତା ନିରୂପଣ କରିବାରେ ସାହାଯ୍ୟ କରିଥାଏ । ହେଲେ ବର୍ତ୍ତମାନ ସମୟରେ ଅଧିକାଂଶ ବ୍ୟକ୍ତି ଏହାକୁ ଆପତ୍କାଳରେ ହିଁ ଖୋଜୁଛନ୍ତି । ଏଇଠି ମୁଁ କହିବି ଯେ...

*"ସମ୍ଭାବ୍ୟ ଅନ୍ଧକାର ହେତୁ ହାତରେ ଦୀପ ଧରି ଗଲେ ଅନ୍ଧକାରର ଭୟ ନଥାଏ କିନ୍ତୁ ଦୀପ ନଥାଇ ଅନ୍ଧକାରରେ ଭୟଭୀତ ହୋଇ ଦୀପ ଖୋଜିବାଟା ବୁଦ୍ଧିମାନର ପରିଚାୟକ ନୁହଁ ।"*

*ସୁଜନେ... ଧର୍ମ ହେଉଛି ସେହି ଦୀପଟିଏ... ! !*

ଭାଷାକୋଷକୁ ଖୋଳତାଡ଼ କରି ଦେଖିଲେ ବୁଝିହେବ ଯେ...

*ବାବା ହେଉଛି ସନ୍ନ୍ୟାସୀଙ୍କ ନାମ ପରେ ଦିଆଯାଉଥିବା ସ୍ନେହସୂଚକ ଉପାଧି ।*

*ଏହି ବ୍ୟକ୍ତି ହେଲେ ସଂସାରର ସବୁ ମାୟାକୁ ଛାଡ଼ି ନିଶ୍ଚିନ୍ତ ହୋଇ ଜୀବନଯାପନ କରୁଥିବା ବିଷୟ ବୈରାଗୀ ।*

*ସେ ହେଉଛନ୍ତି ଏକ ଉଦାସୀ ଓ ଦୟାଳୁ ବ୍ୟକ୍ତି ।*

*ଭକ୍ତ ଡାକେ ବାବା ଆଉ ବାବା ଡାକନ୍ତି ଚେଲା/ବାଚ୍ଚା;*

*ଏଇ ସବୁ ହେଲା ଅତ୍ୟନ୍ତ ପ୍ରୀତିଯୁକ୍ତ ସମ୍ବୋଧନ ।*

ଏହି ସବୁ ବ୍ୟକ୍ତିବିଶେଷ ପ୍ରବଞ୍ଚକ ନୁହନ୍ତି ହେଲେ ଗୋଟିଏ ପୋଚକା ମାଛ ଯେପରି ସାରା ପୁଷ୍କରିଣୀର ଜଳକୁ ଦୂଷିତ କରିଦିଏ ସେହିଭଳି କେତେଜଣ ଭଣ୍ଡ ଧପାଡ଼ିଙ୍କ ଯୋଗୁଁ ସମସ୍ତେ ନିନ୍ଦିତ ହୁଅନ୍ତି । ଆମ ସମାଜର ଏହି ଭବସନ୍ଧି ପାଇଁ କେବଳ ସେମାନେ ନୁହଁ ବରଂଚ ଅନେକ ବୁଦ୍ଧିଜୀବି ମଧ୍ୟ ଉତ୍ତରଦାୟୀ । ଏହି ପରିପ୍ରେକ୍ଷୀରେ ଦୁଇପଦ ଲେଖିଥିଲି ଯେ କବିସୂର୍ଯ୍ୟ ବଳଦେବଙ୍କ ରଚିତ 'ଜଗତେ କେବଳ'ଟାକୁ ଯଦି ସବୁଭାଷାରେ ଅନୁବାଦ କରି ହୁଅନ୍ତା ତେବେ କଥାଟା ଟିକେ ଆଗକୁ ବଢ଼ନ୍ତା । ଧର୍ମର ଏଇ ଉପହାସ ପରିପ୍ରେକ୍ଷୀରେ ବିଚାରି ଗାନ୍ଧୀଙ୍କ ମାଙ୍କଡ଼ମାନେ ଏବେ ଓଲଟାମନ୍ତ୍ର ପଢ଼ିଲେଣି...

*"ଭଲ କଥା... ଦେଖନାହିଁ...ଶୁଣ ନାହିଁ...କୁହ ନାହିଁ.... ! ! !"*

ସେମାନେ ହେଲେ ମାଙ୍କଡ଼; ଏଣୁ ଗାନ୍ଧୀ କହିଲେ ହୁଁ କହିବେ-ହଁ କହିବେ-ହାଁ କହିବେ... ! କାରଣ ସେଇଟା ହେଲା ମାଙ୍କଡ଼ାମୀ, ହେଲେ ବିବର୍ତ୍ତନର ସୃଜନ ଆମେ, ଆମେ ଯଦି ସେଇଭଳି ହୁଁ...ହଁ...ହାଁ... କହିବା ତେବେ ଡାର୍‌ୱିନ୍, ଲାମାର୍କ,ଡି ଭ୍ରାଇସ୍‌ସବୁ ମିଛ ହୋଇଯିବେ ।

କ'ଣ ସତ କହୁଛି କି ନାହିଁ କୁହନ୍ତୁନା... ?

ଉପନିବେଶବାଦରେ ସମ୍ମୋହିତ ଏ ଦେଶର ଜନମାନସ ଏବେବି କାଳନିଦ୍ରାରେ ନିଶ୍ଚେତ । ଯଦି କାଁ ଭାଁ କେହି ଏଥିରୁ ଜାଗ୍ରତ ହୋଇଉଠନ୍ତି , ସେମାନେ ଯେ କିଛି କରିନପାରିବେ, ତାହାନୁହଁ ।ଅନ୍ୟ ଭାଇ ଓ ଭଉଣୀମାନଙ୍କୁ ଉଠାଇବାରେ ତାଙ୍କର କାଳବେଳ ଗଳିଯାଏ ।

www.aahwaan.com

ବିବେକାନନ୍ଦ ଙ୍କ ଭାଷାରେ...

*ପ୍ରଥମତଃ ଲୋକମାନଙ୍କୁ ଶିକ୍ଷିତ କରିବା କାଠିକର ବ୍ୟାପାର,*

*ତତ୍ପରେ ଏହି ଶିକ୍ଷିତ ଲୋକମାନଙ୍କୁ ନେଇ ଏକ ସଭ୍ୟସମାଜ ଗଢ଼ିବା*

*ଆହୁରି କଷ୍ଟକର ବ୍ୟାପାର ।*

ଏଣୁ, ସାମାଜିକ ବିବର୍ତ୍ତନବାଦ ର ଆବହମାନ ସ୍ରୋତରେ ଆମେ ଅନୁନ୍ନତରୁ ଉନ୍ନତ ନୁହଁ ବରଂ ଉନ୍ନତରୁ ଅନୁନ୍ନତ ହେବାକୁ ଆଗଭର ।ସାମ୍ୟବାଦ, ପୁଞ୍ଜିବାଦ, ଉପନିବେଶବାଦ ଭଳି ନୀତି ଆମକୁ ସର୍ବଦା ଦୋଦୁଲ୍ୟମାନ ସ୍ଥିତିରେ ରଖିଆସିଛି ।ଗିଲ୍ସ ଓ ଗ୍ଲାସ୍ଉଚ୍ଚାରଣ କଲାବେଳେ ଆମେ କେତେବେଳେ ବ୍ୟାକରଣକୁ ଦୋଷ ଦେଉ ତ କେତେବେଳେ ଶିକ୍ଷା ପ୍ରଣାଳୀ କୁ ଟିକିଲ କରୁ ।ଉଡ଼ିଯାଉଥିବା ସମସ୍ୟା କୁ ସୁସୁରୀ ବଜାଇ ଆମେ ଆଲିଙ୍ଗନ କରିବାକୁ ଅତୀବ ଆଗ୍ରହୀ । ଆମେ ହେଉଛେ ଚେଇଁ ଶୋଇଥିବା ଏକ ଗୋଷ୍ଠୀ ଯେଉଁମାନେ କି ଅନ୍ତଃସ୍ୱର ରେ କହିଉଠୁଁ....

*" ତୁ କେତେ ହଲେଉଛୁ ହଲା.... ମୁଁ କିଛି ନ ହଲିଲେ ଗଲା"*

ଆବହମାନ କାଳରୁ କଙ୍କଡ଼ାକୁ ଗୋଳପାଣି ସୁହାଇଲା ପ୍ରାୟେକ ନିଜ ସୁବିଧା ଅନୁସାରେ ଅଧିକାଂଶ ଜାତି ଓ ଜନତା ଧର୍ମକୁ ବ୍ୟବହାର କରି ଆସିଛନ୍ତି । ଏହା ଶିକ୍ଷା ଓ ସଂସ୍କାରର ଅନୁପସ୍ଥିତିରେ ମାତ୍ରାଧିକ ହୁଏ । ଏଣୁ ସମସ୍ତଙ୍କୁ ଶିକ୍ଷିତ ହେବାକୁ ପଡ଼ିବ ନୋହିଲେ ମୂର୍ଖଙ୍କ ନିମନ୍ତେ ଧର୍ମ,ବିଜ୍ଞାନ,ଦର୍ଶନ ଓ ଆତଙ୍କ ଏକବୋଧ ହେବ ।

ଆମ ସମାଜରୁ କୁସଂସ୍କାର, ହତାଶାଭିବ ଓ ଦେଶବାସୀଙ୍କ ମନରୁ ଶଙ୍କା ଓ ସଂଶୟ ଦୂର କରିବାକୁ ହେବ । ସେମାନଙ୍କ ମୁଣ୍ଡରୁ ସେମାନେ ମୁଣ୍ଡେଇଥିବା ତଲାରୀ ହଟାଇବା ପୂର୍ବରୁ ଏକ ନିଶ୍ଚିତ ଆଉ ସୁରକ୍ଷିତ ଆଶ୍ରୟସ୍ଥଳ ଯୋଗାଇବାକୁ ହେବ । ଆଜିକାଲିର ସମସ୍ୟା ବହୁଳ ଜୀବନଯାପନ ବେଳରେ ସଭିଏଁ ଆତଙ୍କିତ ।ଆତଙ୍କ କେବଳ ଗୁଳି ବୋମାରେ ହୁଏ ନାହିଁ; ଆମ ଗୃହପଟେ ହେଉଥିବା ହିଂସା, ଇର୍ଷ୍ୟା, ଘୃଣା, ଅସୂୟାଭିବ ମଧ ଆତଙ୍କର ଏକ ବଳିଷ୍ଠ ବୀଜ ।

ଗୁଲନ୍ତୁ ସେ ସବୁର ଉତ୍ପାଟନ କରିବା... ! ଏଥି ନିମନ୍ତେ ସମସ୍ତଙ୍କୁ ଶିକ୍ଷିତ ହେବାକୁ ପଡ଼ିବ ।

ଶିକ୍ଷା କେବଳ ଶିକ୍ଷାୟତନରେ ସୀମିତ ହୋଇ ନରହୁ; ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଆଉ ପ୍ରତ୍ୟେକ ସତ୍ୟ ମଧ୍ୟ ଶିକ୍ଷାର ପରିସରଭୁକ୍ତ ହେଉ । ଗୁରୁ ଗରୀୟାନ ହୁଅନ୍ତୁ ଏଣୁ ଏହାକୁ ଆଖିରେ ରଖି ଲେଖିଥିଲି ଯେ...

" ଗୁରୁ ଆଉ ଗୁରୁଜନଙ୍କ ସାନିଧ ଥିଲେ ସବୁ ଶିଷ୍ୟ ଆଉ କନିଷ୍ଠଗଣ ଏକ ସୁନ୍ଦର ସଂସାର ଗଢ଼ିବାର ପ୍ରେରଣା ପାଇବେ । ଗଠନମୂଳକ ଚିନ୍ତାଧାରା, ସୃଜନବୋଧ ଆଉ ବିଶାଳ ଚେତନାର ଅଧିକାରୀ ହେବେ ସେମାନେ । ଏଣୁ ସମାଜର ବିଭିନ୍ନ ପରିବେଶ ଆଉ ପରିସ୍ଥିତିରେ ନିଜକୁ ଅବବୋଧ କରାଇ ଚାଲନ୍ତୁ ଆମର ଆଗାମୀ ପିଢ଼ୀଙ୍କୁ ଦେବା ପ୍ରେରଣା ଆଉ ଏଇଭଳି ବୋଧଜ୍ଞାନର ପରିଚୟ । ଦେଖିବେ ଆମ ପିଲାମାନେ କିଛି ଶିଖିବେ, କିଛି ଜାଣିବେ, କିଛି ବୁଝିବେ ଆଉ ନିଶ୍ଚୟ କିଛି କରି ଦେଖାଇବେ । ସେଇମାନେ ହେଲେ ଶିକ୍ଷାର୍ଥୀ ଆଉ ଆମେ ହେଲେ ଶିକ୍ଷକ । "

ଜଞ୍ଜାଳରେ ଜଞ୍ଜାଳିଆ ସଭିଏଁ;ଅବଶ ନିଜ ସଂଶୟର ଚଉହଦୀରେ । ବର୍ଷା ଯୁଆଡ଼େ ଛତା ସିଆଡ଼େ ଭଳି, ଭାସି ଯାଆନ୍ତି ସେଇ ପ୍ରଶସ୍ତିର ସ୍ରୋତରେ । ସବୁ ମୁହଁ ଦେଖା ଆଉ ଶୁଣା ଶିଖା ଭାବ ଇଏ । ମାଗି ଆଣିବା ଡିଅଣ ଆଉ ଶିଖେଇଦେବା ବୁଦ୍ଧିରେ ଉବୁଟୁବୁ ହେଉଥିବା ସମାଜ ଆଜିର । ଖଦଡ଼ା ଅଟାରୁ ଅଫଟା ରୁଟି ହୁଏନା ଭାଇ । ସତ ଆଉ ନ୍ୟାୟ ରାସ୍ତାରେ ଚାଲିଲେ ଏଇ ସବୁ ବାରି ହୋଇପଡ଼େ ।

ଈଶ୍ୱରଙ୍କ ଅବତାର ଏଇ ସମାଜ ପାଇଁ ଏକ ଦିବ୍ୟ ସନ୍ଦେଶ; ହେଲେ ଜନମାନସରେ କାହାପାଇଁ ଏହା ବିଶ୍ୱାସ ତ କାହାପାଇଁ ବେପାର ହୋଇଛି  ।ମହାପୁରୁଷଙ୍କ ଆବିର୍ଭାବ ତ କାଳେ କାଳେ ହୋଇଛି ହେଲେ ଏହାର ପ୍ରଭାବ ଅତି ଅଳ୍ପ । ତାପରେ ସେଇ ମହାପୁରୁଷଙ୍କ ଗୋଷ୍ଠି ଆଉ ସଦସ୍ୟତାର ପ୍ରଚାର ଜୁଆରରେ ସେ ମାନଙ୍କ ସନ୍ଦେଶ ହଜି ଯାଉଛି । ଏଇ ମଣିଷ ହିଁ ଯୁଗସ୍ରଷ୍ଟା ହୋଇଛି ତ କେତେବେଳେ ସଇତାନ ହୋଇଛି । ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯିବଯେ ଏହି ମହାପୁରୁଷ ଆଉ ସଇତାନଙ୍କ ଅନୁପାତ ୧:୯୯ ।ଏଣୁ ସବୁ ଶିକ୍ଷା ସଂସ୍କାର ଆଉ ସଭ୍ୟତା ଚୁଲିକୁ ଯାଉଛି... ! ନୁହଁକି... ! !

*ଧର୍ମନାମରେ ହିଁ ଚାଲିଛି ହରିକଥା ଆଉ ଅରିକଥା;*

*ଧର୍ମନାମରେ ହିଁ ହେଉଛି ହୋଲଖେଳ ଆଉ ଗୋଲଖେଳ;*

ଧର୍ମର ସ୍ଥାପନା ଆଉ ପ୍ରଶସ୍ତିର ଲକ୍ଷ୍ୟ ଅନ୍ୟ କଛି ହେଲେ ଏହାକୁ ହାତବାରସି କର ଆଉ କଛି କରଯାଉଛି ।ଲୋକମାନଙ୍କୁ ଶିକ୍ଷିତ ହେବାକୁ ପଡ଼ିବ ଆଉ ଜ୍ଞାନର ଗହୀରକୁ ଯିବାକୁ ହେବ । କେବଳ ନେପଥ୍ୟ କୋଳାହଳରେ ଏଇ ସବୁ ତତ୍ତ୍ୱ ବୁଝିବା ଅଡୁଆ । ଇଶ୍ୱର ଆଉ ଇଶ୍ୱରଜନତ ବଶ୍ୱାସ ଏକମୁହାଁ ଗଳ...ଅଯୁତଙ୍କୁ ଏହା ଅନ୍ଧଗଳର ଭ୍ରମ ଦେଖାଏ ଆଉ କ୍ୱଚତ ଏହାର ଶେଷମୁହଁ ଦେଖନ୍ତ... ! ଏଣୁ ଇଶ୍ୱର ଆଉ ଏହାର ନାମରେ ଯେଉଁ ବ୍ୟାପାର ହୁଏ ତାହା ଅତ ଜଘନ୍ୟ ଆଉ ବେଳେବେଳେ ବର୍ବରୋଚତ । *ଐଶ୍ୱରୀୟ କଥା ହେଉଛି 'କ୍ଷୀର' ପ୍ରାୟେକ । କଏ ମନ୍ଥାମନ୍ଥି କର ଚହ୍ଲା ପାଏ ତ କଏ ଲହୁଣୀ; କଏ ଧିରେ ବସାଇ ଦହ ପାଏ ତ କଏ ଛେନା; କଏ ଘାଣ୍ଟି ଚକୁଟି ଘିଅ ପାଏ ତ କଏ କଣ... ! ଯିଏ ନପାରେ ସେ କ୍ଷୀର ସେଇମିତ ଗନ୍ଧେଇ ଯାଏ ଆଉ ତାପରେ ଆରମ୍ଭ ହୁଏ ଧର୍ମଯୁଦ୍ଧ, ରକ୍ତପାତ, ଶୋଷଣ, ପ୍ରଭୃତ... ।*

ଦୁଇପଦ ଲେଖିବ...

*ଦବ୍ୟ ଏ ପ୍ରକୃତ ଯେହ୍ନେ ଦବ୍ୟଶକ୍ତି*
*ଯତନେ ରଖିଲେ ଯାଇ,*
*ଜୀବ ଜନ୍ତୁ ସର୍ବେ ଆନନ୍ଦ ଲଭବେ*
*ବପର୍ଯ୍ୟୟ ଯିବ ଧୋଇ*
*ଶୁଣ ସୁଜନେ*
*ଧରଣୀ ମା'କୁ ଆଦର ହୋଇ ।*

*ଇଶ୍ୱର ନୁହଇ ଯେ ଅନ୍ଧବଶ୍ୱାସ*
*ନଥାଏ ବଳ କଳରେ,*
*ବଶ୍ୱାସ ଯେ ଦେବ ସତ୍ୟ ଏକା ଭବ*

*'ଅହଂ ବ୍ରହ୍ମାସ୍ମି' ଅର୍ଥରେ*

*ଶୁଣ ସୁଜନେ*

*ଦେଖ ଈଶ୍ବର ସର୍ବ ଘଟରେ ।*

ହେତୁବାଦ, ମାନବବାଦ, ବୈଜ୍ଞାନିକ ଚିନ୍ତନ , ପ୍ରଭୃତି ହେଉଛି ସୁଧୀଜନଙ୍କ ଜ୍ଞାତବ୍ୟ ତତ୍ତ୍ୱ । ଅଳମ୍ବୁଷା ଗଣ୍ଡମୂର୍ଖମାନଙ୍କର ନୁହଁ । ଏଣୁ ଆପଣ ସେମାନଙ୍କ ମୁଣ୍ଡରୁ ସେଇ ଅଜ୍ଞାନ ଅନ୍ଧକାର ଦୂର ନକରି ସେମାନଙ୍କୁ ହେତୁବାଦର ପଞ୍ଚମବେଦ ଆଉ ମାନବବାଦର ୧୦୮ ବିଜ୍ଞାନ ପଢ଼ାଇଲେ କିଛି ଲାଭ ହେବକି... !

ସେମାନେ ବିଶ୍ୱାସ କରୁଥିବା ଈଶ୍ୱରଙ୍କ ସହସ୍ର ଅବତାର ପରେ ମଧ୍ୟ ନିଜ ମୁଣ୍ଡରୁ ସେଇ ନିର୍ବୋଧତା ଓହ୍ଲାଇପାରିନାହାନ୍ତି । ଏଣୁ ଆମ୍ଭଙ୍କୁ ଧୈର୍ଯ୍ୟ, ସାହସ ତଥା ବିଶ୍ୱାସର ସହ ସେହି ଭାଇ-ବନ୍ଧୁ -କୁଟୁମ୍ବଙ୍କୁ ସତ୍‌ମାର୍ଗ ଦେଖାଇବାକୁ ପଡ଼ିବ । ସେମାନଙ୍କୁ ହତୋତ୍ସାହ ଅଥବା ଘୃଣାଭାବ ନୁହଁ ବରଂଚ ଶ୍ରଦ୍ଧା ଆଉ ସଦ୍‌ଭାବର ସହ । ସଭିଏଁ ସତ୍‌ମାର୍ଗରେ ଆଗେଇ ଚାଲନ୍ତୁ ଆଉ ମହତ ଚିନ୍ତନରେ ବ୍ରତୀ ହୁଅନ୍ତୁ ।

ନଚେତ୍ ଧର୍ମର ଏହି ଶଙ୍କରୀକରଣ ଆମର ସମାଜ, ସଂସ୍କାର ଓ ସଂସ୍କୃତି କୁ ଅଚିରେ ଯେ କାଳସର୍ପଭଳି ଗ୍ରାସ କରିଯିବ ଏଥିରେ କୌଣସି ପ୍ରକାର ସନ୍ଦେହ ନାହିଁ ।ଏଣୁ ଆମକୁ ଏହି " ସ୍ୱ " ର ପ୍ରାଧାନ୍ୟ କୁ ହୃଦୟଙ୍ଗମ କରିବାକୁ ପଡ଼ିବ । ମୁଁ ଏଠାରେ ଶ୍ରୀମଦ୍‌ଭଗବଦ୍‌ଗୀତା ରେ ଶ୍ରୀକୃଷ୍ଣ କହିଥିବା ଦୁଇପଦ ଲେଖିରଖୁଛି....

*" ଆମେ ହିଁ ଆମର ବନ୍ଧୁ, ଆମେ ହିଁ ଆମର ଶତ୍ରୁ ।*

*ଏଣୁ ଆମେ ହିଁ ଆମର ଉତ୍‌ଥାନ ଓ ପତନ ପାଇଁ ସମପରିମାଣରେ ଦାୟୀ ।"*

କଥାରେ ଅଛି ରାତିରେ ବାଟଭୁଲି ଯାଇଥିବା ଯଦି ସକାଳ ପହରେ ଘରକୁ ଫେରିଆସେ ତାହାହେଲେ ତାକୁ ପଥହରା କୁହନ୍ତି ନାହିଁ । ମୁଁ ଏବେ ବି ବିଶ୍ୱାସ ରଖିଅଛି, ସେହି ସୁଦିନ ଆସିବ

ହେଲେ ଆଉ ଏକ ଲଢ଼ାଇର ଆବଶ୍ୟକ ରହିଅଛି । ଏଇ ଲଢ଼ାଇ କୌଣସି ଅସ୍ତ୍ରଶସ୍ତ୍ର ଆଉ ସାଞ୍ଜୁ ଶିରସ୍ତ୍ରାଣ ନେଇ କରାଯାଏନି ସୁଜନେ; ଏଇ ଲଢ଼ାଇ ହେଉଛି ମୁଁ ରାକ୍ଷସ ଆଉ ଅହଂ ବ୍ରହ୍ମାସ୍ମି ଭିତର; ଅଜ୍ଞାନ ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ଯିବାର ତଥା ପ୍ରତିଦିନ ଶଙ୍କା, ନିରାଶାବାଦ ଆଉ ଅହେତୁକ ଧର୍ମଭୀରୁତାରେ ମରୁଥିବା ପ୍ରତ୍ୟେକ ମଣିଷକୁ ପୁନଃରପି ଦିବ୍ୟଜୀବନ ପ୍ରାପ୍ତହେବାର ଆଶାର । ଏଣୁ ସୁଜନେ...ଆସନ୍ତୁ ସମସ୍ତେ  ମିଳିମିଶି ବୃହଦାରଣ୍ୟକ ଉପନିଷଦରେ ଥିବା  କଥାକୁ କର୍ମରେ କରି ଦେଖାଇବା...

***असतो मा सद्‌गमय***

***तमसो मा ज्योतिर्गमय***

***मृत्योर् मा अमृतं गमय***

-ପ୍ରଭୂ

ପ୍ରଶାନ୍ତ କୁମାର ଭୂୟାଁ,


ଟରେଣ୍ଟୋ, ଓଣ୍ଟାରିଓ, କାନାଡ଼ା,

ଜନ୍ମସ୍ଥାନ - ବଡ଼ଦାଣ୍ଡ, ଜଗନ୍ନାଥ ପ୍ରସାଦ, ଗଞ୍ଜାମ

prasantabhunya@gmail.com

# କାହିଁକି ଏ ଜୀବନ !

ଉପାସନା ଦାସ



କୋଇଲର କୁହୁତାନେ
ହଜଯାଏ ମନେ ମନେ
ଆକାଶର ବୁକୁତଳେ
ଗୋଧୂଳି କିରଣେ ।
ଖୋଜେ ମୁଁ ମୋ ନିଜକୁ ।
କାହିଁକି ଏ ଜୀବନ ?
କଣ ମୋର ସାଧନ ?
ଶାନ୍ତିର ମୁଁ କପୋତ କି ?
ରକ୍ତହୋରି ଖେଳର ମୁଁ ବାଧକ କି ?
କିନ୍ତୁ ମୁଁ ଯେ ବଞ୍ଚିତ ଉଡ଼ିବା ସାମର୍ଥ୍ୟରୁ !
ସଭିଙ୍କୁ ଏକତା ସୂତ୍ରରେ ବାନ୍ଧିବାରୁ !
ପୁଣି କେବେ ମନକୁ ମୁଁ ପ୍ରଶ୍ନକରେ,
ବୁଭୁକ୍ଷୁର କ୍ଷୁଧାର ମୁଁ ପୂରକ କି ?
କିନ୍ତୁ ପାଏନା କିଛି ଉତ୍ତର,
ମୁଁ ଯେ ନିଜେ କ୍ଷୁଧାରେ ପ୍ରପୀଡ଼ିତ !
ତେବେ କାହିଁକି ମୁଁ ଜନ୍ମିତ ?
ସଭିଙ୍କ ପାଇଁ ଗଣା ଅଭିଶପ୍ତ ।
ମରେ ମୁଁ ହିଁ ପ୍ରତିଦିନ ପ୍ରତିକ୍ଷଣ
ବଞ୍ଚିବାର ଗହାଟିକୁ ହେବାକୁ ପ୍ରାପତ ।

ବେଦାନ୍ତ ଲିମିଟେଡ଼, ଲାଞ୍ଜିଗଡ଼, କଳାହାଣ୍ଡି, ଓଡ଼ିଶା

# ପ୍ରିୟା ତୋ ପାଇଁ...

ପ୍ରଶାନ୍ତ କୁମାର ନାଥ



ହୃଦୟରେ ତୋତେ ସାଇତ ରଖିଛି

ପ୍ରୀତିର ମହକ ଦେଇ

ଆହରେ ମୋହର ଛବି ତୋ ଆଙ୍କିଛି

ପାରେନି ଜମା ଦୂରେଇ ।

ଭାବନା ରାଜ୍ୟରେ ନିତ ମୁଁ ବୁଲୁଛି

ତୋ ସାଥିରେ ହୋଇ ସାଥି

ସପନ ସହରେ ଘର ମୁଁ ତୋଳୁଛି

ସାଥିରେ ତୋହର ନିତ ।

ତୋ ପାଇଁ ଲେଖୁଛି ପ୍ରେମର କବିତା

ନାୟିକା ସଜାଇ ତୋତେ

ମୁଁ ଏବେ ତୋତେ ବେଶୀ ଭଲ ପାଉଛି

ଭୁଲଯାଇ ପ୍ରିୟା ମୋତେ ।

ମନ ବଗିଚାରେ ଫୁଟିଅଛି ଫୁଲ

ସଜେଇବି ବୋଲି ତୋତେ

ପାଦତଳେ ତୋର ଢାଳି ମୁଁ ଦେବି ଲୋ

ଦୁନିଆଁର ସୁଖ ଯେତେ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର, ୭୫୫୦୧୩
ମୋବାଇଲ୍ : ୦୮୮୯୨୩୦୧୧୪୩
ଇମେଲ୍ : pknath1986@gmail.com

# ରାତ୍ରୀର ଦୁଃଖ

ତୁଳସୀ ସାହୁ



କିଏ ଦେଖିଛି...
ରାତର ଛାତିରେ
ଜମାଟ ବାନ୍ଧିଥିବା କୋହସବୁ
ମୁହଁମାଡ଼ି ଏକା ଏକା
କାନ୍ଦିବାର ଦୃଶ୍ୟ ।
କାଲେ କେହି ଦେଖିଦେବ
ତା ଛାତିତଳେ ସୁପ୍ତ
ଅକୁହା ଯନ୍ତ୍ରଣା ସବୁ
ପରିହାସ କରି କହିଦେବ କିଛି
ଦେଖିଦେବ ତା ଆଖିର
ଉଷୁମ ଲୁହକୁ
ଶୁଣିଦେବ ତା ହୃଦୟର
ଅବ୍ୟକ୍ତ କଥା
ଜାଣିଦେବ କାଲେ କେହି
ସେ ବି ବିରହିଣୀ
କାହା ପ୍ରେମରେ ପାଗଳୀ ।
ସେଥିପାଇଁ ବୋଧେ
ଅତି ଯତ୍ନରେ
ଲୁଚାଇ ଦେଇଛି ନିଜକୁ
ଅନ୍ଧାରର ମଖମଲ ଚାଦରର ତଳେ ।

ଯାଜପୁର ରୋଡ଼, ଯାଜପୁର

# ପୁଣି ଚର୍ଚ୍ଚାରେ କେନ୍ଦ୍ରାପଡ଼ା

ଡା ସୌମ୍ୟରଞ୍ଜନ ମିଶ୍ର



ଉଣେଇଶ’ ଅନେଶତର ମହାବାତ୍ୟା
ଯେବେ ଧୋଇନେଲ୍ ଗାଁ ପରେ ଗାଁ
ଛେଉଣ୍ଡ ହେଲେ କେତେ ପିଲ୍
ଆଉ ବଧବା ହେଲେ ପିଲ୍ଙ୍କ ମା

ଏବେ ଘର ଗ୍ୱରପାଖେ ବାଡ଼ ବୁଜଛନ୍ତ ଲୋକେ
କଅଁଳଛ ଭଙ୍ଗାଗଛରେ ପତ୍ର
ମନର କ୍ଷତ କନ୍ତୁ ଶୁଖୃନାହିଁ
ଯଦଓ ଇନ୍ଦିର୍ ଆବାସ ବଦଳାଇଛ ଗାଁର ଚତ୍ର

ମହାବାତ୍ୟାର କଛ ଦନ ପୂର୍ବରୁ
କେନ୍ଦ୍ରାପଡ଼ା ସହରରେ ଛୋଟ ଏକ ଝଡ଼ ଉଠିଥିଲ୍
ସେହ ଝଡ଼ କେନ୍ଦ୍ରାପଡ଼ାକୁ
ଭାରତ ଭୂଇଁରେ ନୂଆ ଏକ ପରଚୟ ଦେଇଥିଲ୍

ଷୋହଳ ବର୍ଷପରେ ଏବେ ପୁଣି
ସେହପର କଛ ପାଇଁ

କେନ୍ଦ୍ରାପଡ଼ା ପୁନଶ୍ଚ ଚର୍ଚ୍ଚାରେ

ତଫାତ୍ ଏତିକି....

ଅନେଶତ ମହାବାତ୍ୟାରେ ହଜାର ହଜାର ପିଲା

ପିତୃହୀନ ହେଲେ

ଏବେ କିଛି ପିଲା

ସଠିକ୍ ପିତୃ ପରିଚୟ ଖୋଜୁଛନ୍ତି

ସମ୍ବାଦପତ୍ର, ଟିଭି ଚ୍ୟାନେଲ୍ ଆଉ ଲୋକେ କହୁଛନ୍ତି

ଖେଳ ପୁରା ଖତମ୍

ଖାଲିଟାରେ ଯାହା

କେନ୍ଦ୍ରାପଡ଼ା ବଦନାମ ।

ମଧ୍ୟଖଣ୍ଡୀ
ଶ୍ରୀବଳଦେବ ଜୀଉ
କେନ୍ଦ୍ରାପଡ଼ା - ୭୫୪୨୧୨
ମୋବାଇଲ୍ - ୯୯୩୭୭୩୭୪୩୪୨

# ପ୍ରତିଦାନ

ଅନିଲ କୁମାର ବୋଇତ



ଅଫିସରେ ବସିଥିବା ବେଳେ ହଠାତ୍ ଟେବୁଲ୍ ଉପରେ ଥୁଆ ହୋଇଥିବା ଫୋନ୍‌ଟି ବାଜି ଉଠିଲା । ଫୋନ୍ ଉଠେଇଲି ସେପଟୁ ବଡ଼ବାବୁ କହିଲେ ବିରେନ୍ ବାବୁ ଆପଣଙ୍କୁ କାଲି ଭୁବନେଶ୍ୱର ଯିବାକୁ ପଡ଼ିବ ଅଫିସ୍ କାମରେ । ମୁଁ ପଗ୍ଚରିଲି ହଠାତ୍ ସାର୍ କ'ଣ ହେଲାକି ? ନା ନା କମ୍ପାନୀର ଫାଇନାନ୍‌ସିଆଲ କାମଟି ପେଣ୍ଡିଙ୍ଗ୍ ରହି ଯାଇଛି । ଏମ୍‌ଡିଙ୍କ ଅର୍ଡର୍ କାଲି ଭିତରେ ତାଙ୍କୁ ରିପୋର୍ଟଟି ଦରକାର । ସେଥିପାଇଁ ମୁଁ ତୁମକୁ ଭୁବନେଶ୍ୱର ପଠାଉଛି । ହଁ ତୁମକୁ କାଲି ସକାଳେ ଭୁବନେଶ୍ୱର ଇଣ୍ଟରସିଟିରେ ଯିବାକୁ ପଡ଼ିବ । ମୁଁ ଡକୁମେଣ୍ଟ ଗୁଡାକ ପିଅନ ହାତରେ ପଠେଇ ଦେଇଛି । ସେଗୁଡ଼ାକ କଲେକ୍ଟ କରି ବାହାରି ଯିବ । ମୁଁ କହିଲି ହଁ ସାର୍ ନିଶ୍ଚୟ । ଏତିକି କହିକି ବଡ଼ବାବୁ ଫୋନ୍‌ଟି ରଖିଦେଲେ । ମୁଁ ବିରେନ୍ ମହାନ୍ତି । ମୁଁ ଏକ ପ୍ରାଇଭେଟ୍ କମ୍ପାନୀରେ ଏକାଉଣ୍ଟ ଆଣ୍ଡ ଫାଇନାନ୍‌ସ୍ ଡିପାର୍ଟମେଣ୍ଟରେ କାମ କରେ । ସମସ୍ତଙ୍କ ଆଦେଶ ଶୁଣିବାକୁ ପଡ଼େ । ଅଫିସରୁ ସନ୍ଧ୍ୟାରେ ବାହାରି ଘରେ ପହଞ୍ଚିଲି । ଫ୍ରେସ୍ ହୋଇ ଖାଇ ପିଇ ଜଲ୍‌ଦି ଶୋଇପଡ଼ିଲି । ଘରେ କହିଲି କାଲି ସକାଳେ ମୋତେ ଜଲ୍‌ଦି ଉଠେଇ ଦେବ । ମୋତେ କାଲି ଭୁବନେଶ୍ୱର ଯିବାର ଅଛି । ଏତିକି କହି ଶୋଇ ପଡ଼ିଲି । ଭୋର୍ ଜଲ୍‌ଦି ଉଠି ବାହାରି ପଡ଼ିଲି ଷ୍ଟେସନ । ଟିକେଟ୍ ତା ଆଗରୁ ହୋଇ ସାରିଥିଲା । ସେଥିପାଇଁ ଲାଇନ୍ ଉପରେ ଛିଡ଼ା ହୋଇ ମୋତେ ଟିକେଟ୍ କରିବାକୁ ପଡ଼ିନଥିଲା । ଷ୍ଟେସନ୍ ପହଞ୍ଚିଲା ପରେ ଷ୍ଟେସନର ଦୁନିଆରେ ମୁଁ କିଛି ସମୟ ହଜି ଯାଇଥିଲି । ପ୍ଲାଟଫର୍ମରେ ଘୋଷଣାରୁ ମୁଁ ଜାଣିଲି ମୁଁ ଯାଇଥିବା ଇଣ୍ଟରସିଟି ୧ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଛି । ମୁଁ ଟ୍ରେନରେ ପ୍ରବେଶ କରି ଟ୍ରେନ୍‌ର ଭିଡ଼ ଭିତରେ ମୋ ସିଟ୍ ଯଥାସମ୍ଭବ ଖୋଜି ପାଇଲି । ଟ୍ରେନ୍ ଭିତର କୋଳାହଳ

ମୋତେ ବିରକ୍ତ କରି ପକାଉଥାଏ । ମନେ ମନେ ଭାବୁଥାଏ କେତେବେଳେ ଟ୍ରେନ୍‌ଟି ଛାଡ଼ିବ । ଟ୍ରେନରେ ବେପାରୀମାନଙ୍କର ରଡ଼ି ଚା, ଚଣା ଓ କୋଲଡ୍ ଡ୍ରିଙ୍କସ ବେପାରୀମାନଙ୍କ ଯାତାୟାତ ଚାଲୁଥାଏ । ମୋତେ ବିରକ୍ତ ଲାଗିଲେ କ'ଣ ହେବ । ସେମାନଙ୍କୁ ତ ତାଙ୍କ ପେଟ ପାଟଣା ପାଇଁ ଏସବୁ କରିବାକୁ ପଡୁଛି । ଜଣେ ପେପର୍ ବିକାଳି ଚିତ୍କାର କରି କରି ଆସୁଥାଏ । ପେପର୍, ପେପର୍, ପେପର୍ । ମୁଁ ଚପା ଗଳାରେ କହିଲି ପେପର୍ ଭାଇ ପେପର୍ ଗୋଟିଏ ଦେଲ । ପେପର୍ ଭାଇ ସମସ୍ତ ପେପର୍ ନାଁ କୁ ଯେମିତି ଡଗ ଡଗ କରି କହିଗଲେ କୋଉ ପେପର୍ ଦେବି ସମ୍ବାଦ, ସମାଜ, ଧରିତ୍ରୀ, ପ୍ରମେୟ । ମୁଁ କହିଲି ବାସ୍ ବାସ୍ ଯେଉଟା ହେଲେ ଗୋଟେ ଦେଇ ଦିଅନ୍ତୁ । ସେ ମୋତେ ଗୋଟେ ପେପର୍ ଧରେଇ ଦେଲେ ଆଉ ମୁଁ ତାଙ୍କ ହାତକୁ ପାଞ୍ଚ ଟଙ୍କିଆ କଏନ୍‌ଟି ଧରେଇ ଦେଲି । ପୁଣି ସେ ବଡ଼ ପାଟିରେ ଚିତ୍କାରକରି ଚାଲିଲେ ପେପର୍ ପେପର୍ କହି ଅନ୍ୟ ଏକ ବଗିକୁ । ଟ୍ରେନ୍‌ଟି ତାର ଦ୍ରୁତ ଗତିରେ ଚାଲିଥାଏ । ଝରକାରୁ ସୁଲୁସୁଲିଆ ପବନ ମୋ ଦେହରେ ପିଟି ହେଉଥାଏ । ମୁଁ ଧିରେ ଧିରେ ବିରକ୍ତକର ଭାବନାରୁ ଦୂରେଇ ଚାଲୁଥାଏ । ପେପର ପ୍ରିଣ୍ଟ ପେପର୍ ଉପରେ ଆଖି ପକାଇଲି । ପ୍ରତିଦିନ ସେଇ ଏକା ଖବର, କିଏ କାହାକୁ ମାରି ଦେଲା ତ କେଉଁଠି ଗାଡ଼ି ଚଢ଼ିଗଲା । କେଉଁ ବାଳିକାକୁ କିଏ ଧର୍ଷଣ କରିଦେଲା । ପ୍ରତିଦିନ ଏସବୁ ଖବର ପଢ଼ି ପଢ଼ି ଭଲ ଲାଗେ ନାହିଁ । ଏ ଖବରକାଗଜବାଲାଙ୍କୁ ହେଇଛି କଣ ? କ'ଣ କିଛି ଭଲ ଖବର ଛାପିବାକୁ ତାଙ୍କୁ ଭଲ ଲାଗେନି । ଦ୍ୱିତୀୟ ପେଜ୍ ଖୋଲି ଦେଖୁ ଦେଖୁ ହଠାତ୍ ଏକ ବିଜ୍ଞାପନରେ ମୋ ଆଖି ଲଟ୍ କିନା ଲାଗିଗଲା । ସେ ବିଜ୍ଞାପନଟିକୁ ପଢ଼ିସାରିଲା ପରେ ଏ କୋଳାହଳ ଭିତରେ ଥିବା ଟ୍ରେନ୍‌ଟି କେଜାଣି କାହିଁକି ମୋତେ ଜନଶୂନ୍ୟ ଭଳି ଲାଗୁଥିଲା । କେତେବେଳେ ଯେ ମୋ ଆଖି ଦୁଇଟି ଭିଜି ଯାଇଥିଲା ମୁଁ ଜାଣି ପାରିନଥିଲି । ମୋ ମୁଣ୍ଡ କିଛି କାମ କରୁ ନଥିଲା । ଆରେ ଏ କ'ଣ ଯିଏ ଏତେ ପିଲାଙ୍କୁ ପାଠ ପଢ଼େଇ ମଣିଷ କରେଇ ଥିଲେ ସେ ଆଜି ଏତେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଶଯ୍ୟାଶାୟୀ ହୋଇଛନ୍ତି । ଏବଂ ତାଙ୍କର ଦେଖାଶୁଣା କରିବାକୁ ତାଙ୍କ ପାଖରେ କେହି ନାହାନ୍ତି । ଆଶ୍ଚର୍ଯ୍ୟ ଲାଗୁଛି ଏ କଥା ଭାବିଲେ ତାଙ୍କର ପରିବାର ବି ତାଙ୍କ ପାଖରେ ନାହାନ୍ତି ଦେଖାଶୁଣା କରିବା ପାଇଁ । ସସ୍ମିତା ମହାନ୍ତି ଆମ ଶିକ୍ଷକ ଥିଲେ, ସେ ତାଙ୍କ ଶିକ୍ଷୟିତ୍ରୀ ଜୀବନରେ ବିନା ସ୍ୱାର୍ଥରେ ଅନେକ ଛାତ୍ରଙ୍କ ଜୀବନକୁ ଗଢ଼ିଛନ୍ତି ହେଲେ ଆଜି ଏ

ମିଛ ମାୟା ଦୁନିଆରେ ସ୍ୱାର୍ଥମୟ ଦୁନିଆରେ ବାନ୍ଧି ହୋଇ ପଡ଼ିଛନ୍ତି ।

ତାଙ୍କର ଏଇ ଦୟନୀୟ ଅବସ୍ଥା ବୁଝିବାର କଣ କାହାର ବି ଅଧିକାର ନାହିଁ । ତାଙ୍କ ହାତରେ ସେ ଗଢ଼ୁଥିବା ସେ ବିଶ୍ୱାସ ରଖୁଥିବା ଛାତ୍ର ଛାତ୍ରୀ ଆଜ କେହି ତାଙ୍କ ପାଖରେ ନାହାନ୍ତି । ମୋର ମନେ ପଡ଼ିଲା ବିକାଶ, ସମୀର, ମାନସ ଏମାନଙ୍କୁ ତ ମ୍ୟାଡ଼ାମ୍ ବହୁତ ଭଲ ପାଉଥିଲେ । ସେମାନେ ଏ ଖବର ଜାଣି ନାହାନ୍ତି । ହଁ ବୋଧହୁଏ ବ୍ୟସ୍ତ ବହୁଳ ଜୀବନରେ ସେ ଜାଣି ନଥିବେ । ମୁଁ ବିକାଶକୁ ଫୋନ୍ କଲି ଆରେ ଜାଣିଚୁ ଆମ ମ୍ୟାଡ଼ାମ୍‌ଙ୍କ ଦେହ ବହୁତ ଅସୁସ୍ଥ । ସେପଟରୁ ବିକାଶ କୋଉ ମେଡ଼ାମ୍ ? ମୁଁ କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲି ଯେ ମ୍ୟାଡ଼ମଙ୍କ ଆଖପାଖରେ ସବୁବେଳେ ବୁଲୁଥିଲା ତା ମୁହଁରୁ ଆଜ ଶୁଣିବାକୁ ପାଇଲି କୋଉ ମ୍ୟାଡ଼ାମ୍ ? ଆରେ ଆମ ସସ୍ମିତା ମ୍ୟାଡ଼ାମ୍ ! ଓହଃ ସସ୍ମିତା ମେଡ଼ାମ୍ । ହଁ ହଁ କହ ତାଙ୍କର କଣ ହେଲା । ତାଙ୍କ ଦେହ ବହୁତ ଅସୁସ୍ଥ ଅଛି । ପେପର୍ ପଢ଼ି ସବୁ ଜାଣି ପାରିବୁ । ଆରେ କହୁନୁ ତାଙ୍କର କ'ଣ ହୋଇଛି । ତାଙ୍କର ଗୋଟିଏ କିଡ଼ନୀ ନଷ୍ଟ ହୋଇ ଯାଇଛି । ଆରେ ଆରେ ଏ ତ ବହୁତ ଦୁଃଖର କଥା । ବିକାଶ ତୁ ଆସୁନୁ ଆମେ ମିଶିକି ଯିବା ମ୍ୟାଡ଼ମ୍‌ଙ୍କୁ ଦେଖିବା ପାଇଁ । ତତେ ଦେଖିଲେ ହୁଏତ ସେ ବହୁତ ଖୁସି ହେବେ କାରଣ ସେ ତତେ ବହୁତ ଭଲ ପାଆନ୍ତି । ଆରେ ନା ନା ମୋତେ ପରା ଆଜ ଯିବାର ଅଛି ବ୍ୟାଙ୍ଗଲୋର କମ୍ପାନୀ କାମରେ । ମୁଁ ଯାଇ ପାରିବନି । ଏମିତି ମୁଁ ସବୁ ପିଲାଙ୍କୁ କହିଲି ମ୍ୟାଡ଼ାମ୍‌ଙ୍କ ବିଷୟରେ । ହେଲେ କେହି ମ୍ୟାଡାମ୍‌ଙ୍କ ଦେଖା କରିବାକୁ ପ୍ରସ୍ତୁତ ହେଲେ ନାହିଁ । ସେମାନେ ତ ମ୍ୟାଡ଼ାମ୍‌ଙ୍କ ଅତି ପ୍ରିୟ ଥିଲେ । ମ୍ୟାଡ଼ାମ୍ ଏମାନଙ୍କୁ ନେଇ ଖୁବ୍ ଗର୍ବ କରୁଥିଲେ ଏମାନେ ଆମ ସ୍କୁଲର ମେଧାବୀ ଛାତ୍ର ଥିଲେ । ମୁଁ ଶୁଣିଥିଲି ମ୍ୟାଡ଼ାମ୍ କହୁଥିଲେ ଛାତ୍ର ହେବ ତ ଏମାନଙ୍କ ଭଳି । ଏମିତି ଭଲ ପାଠ ପଢୁଥାଏ ଖୁବ୍ ନାଁ କମାଅ, ଖୁବ୍ ପଇସା କମାଅ । ଖୁବ୍ ଏନଜୟ କର, ବଡ଼ ମଣିଷ ହୁଅ । ହେଲେ କେବେ କହିଲେନି ଏ ଦୁନିଆରେ ଭଲ ମଣିଷଟିଏ ହୁଅ । ମୋର ସବୁ ଆଶା ବିଫଳ ହୋଇଗଲା । କିଏ ଯାଉ ନ ଯାଉ ମୁଁ ତ ନିଶ୍ଚୟ ଯିବି ମ୍ୟାଡ଼ାମ୍‌ଙ୍କୁ ଦେଖି ଆସିବି । ମ୍ୟାଡ଼ାମ୍ ମୋତେ ଭଲ ପାଉ ନଥିଲେ ତାହା ତ ସତ । ତାଙ୍କର ଘୃଣା ଓ ନିଷ୍ଠୁର ଭାବରୁ ମୁଁ ଆଜ ମଣିଷ ହୋଇ ପାରିଛି । ଯିଏ ଏ ଦୁନିଆରେ ମୋତେ ମଣିଷ କରିଛି ତାଙ୍କୁ ଅସୁବିଧା ସମୟରେ ଛାଡ଼ି ଚାଲିଯିବି କେମିତି ? ଛୋଟ ଥିଲା ବେଳେ ଗୋଟେ କଥା ଶୁଣିଥିଲି ତାହା ଆଜ ପ୍ରମାଣିତ ହୋଇ

ଯାଇଛ । ସୁଖ ଥିଲା ବେଳେ ସମସ୍ତେ ହାତ ବଢ଼ାନ୍ତି ଦୁଃଖ ଥିଲେ ମୁହଁ ବୁଲେଇ ଚାଲି ଯାଆନ୍ତି । ଏ କଥାର ତାତ୍ପର୍ଯ୍ୟ ଆଜ ମୁଁ ବୁଝି ପାରିଲି । ମୁଁ ଛୋଟ ବେଳେ ଭଲ ପଢୁ ନଥିଲି ଏଇ ମ୍ୟାଡ଼ାମ୍ଙ୍କ ପାଖରୁ କେତେ ଯେ ଗାଳି ମାଡ଼ ଖାଇଛି କେତେ ସିଲ୍ ଡାଉନ୍ ନ ହୋଇଛି । କେତେବେଳେ ହୋମ୍ ୱାର୍କ ନ କରିଥିଲେ ମ୍ୟାଡ଼ାମ୍ ରାଗରେ ଜର୍ଜରିତ ହୋଇ ଖୁବ୍ ବାଡ଼େଇଥିଲେ । ବେଳେ ବେଳେ ତ ରାଗି ଯାଇ କହନ୍ତି ଅକାଳକୁଷ୍ମାଣ୍ଡ ତୁ ତୋ ଜୀବନରେ କିଛି କରି ପାରିବୁ ନାହିଁ । ପାଠ ଯଦି ନ ପଶୁଛି ମୁଣ୍ଡରେ ପାଠ ଛାଡ଼ି କି ଯା କାମ କରିବୁ । ମୋତେ ଖୁବ୍ ଅପମାନିତ ଲାଗିଥିଲା ମୋ ସାଙ୍ଗମାନଙ୍କ ଆଗରେ । ଆଉ କହିଥିଲେ ଯେଉଁ ମାନଙ୍କ ସାଙ୍ଗରେ ବୁଲୁଛୁ ସେମାନଙ୍କ ପାଖରୁ କିଛି ଶିଖ୍ । ମୋତେ ତ ଯାହା ଅପମାନିତ କରନ୍ତି କରନ୍ତି ପ୍ୟାରେଣ୍ଟ ମିଟିଙ୍ଗରେ ମୋ ବାପାମା'ଙ୍କୁ ବି ଖୁବ୍ ଅପମାନିତ କରନ୍ତି । ଦିନେ ଦିନେ ଖୁବ୍ ରାଗ ଲାଗେ ମୋତେ ମ୍ୟାଡ଼ାମ୍ଙ୍କ ଉପରେ । ହେଲେ ବାପା ଆଉ ବୋଉ ମୋତେ ବୁଝେଇକି କହନ୍ତି ସେ ତୋ ଭଗବାନ । ତୋ ଭଲ ପାଇଁ ହିଁ କହୁଛନ୍ତି । ତୁ ମଣିଷ ହେଲେ କଣ ତାଙ୍କୁ ପଚାରିବୁ ନା ଭଲ ଚାକରୀ କଲେ ତୁ ତାଙ୍କୁ ଦେଇ ଦେବୁ । କହି କି ମୋ ମନକୁ ବୁଝେଇ ଦିଅନ୍ତି । ବାପା କହନ୍ତି ଯିଏ ଯାହାକୁ ବେଶି ଭଲ ପାଏ ସେ ତାର କିଛି ବି ଭୁଲ ଦେଖିଲେ ବିରକ୍ତ ଭାବ ପ୍ରକାଶ କରେ ବୋଧେ । ମ୍ୟାଡ଼ାମ୍ ମୋତେ ଖୁବ୍ ଭଲ ପାଆନ୍ତି । ସେଥିପାଇଁ ମୋର ଭୁଲ ଦେଖିଲେ ମୋତେ ଗାଳି ଦିଅନ୍ତି । ମାଡ଼ ମାରନ୍ତି ... । ହେଲେ ଏତେ ବଡ଼ ଦୁନିଆରେ ଆଜ ସେ ଏକା ହୋଇ ଯାଇଛନ୍ତି । ବାପା କହିଥିଲେ ଜୀବନରେ ଯାହା ବି କରିବୁ ପୁଅ ଭଲ ମଣିଷଟେ ହବୁ । ମାନବିକତା ଠୁ କେବେ ଦୂରେଇ ଯିବୁନି । ମୋର ଅତୀତର ଭାବନାରୁ ଫେରି ବର୍ତ୍ତମାନର ଦୁନିଆକୁ ଫେରିଲି । ଅଫିସ୍‌ର କାମ ସାରି ସିଧା ଗଲି କଟକର ବଡ ମେଡ଼ିକାଲକୁ । ସେଠିକାର ମେଡ଼ିକାଲରେ ସୁପରିଟେଣ୍ଡେଣ୍ଟ ସହ କଥା ହେଲି ଆପଣ ଦେଇଥିବା ସସ୍ମିତା ମହାନ୍ତିଙ୍କ ଏକ ପେପରରେ ବିଜ୍ଞାପନ ଦେଖି ମୁଁ ଆପଣଙ୍କ ପାଖକୁ ମ୍ୟାଡ଼ାମ୍ଙ୍କ ବିଷୟରେ ବୁଝିବାକୁ ଆସିଛି । ମୁଁ ବିରେନ୍ ମହାନ୍ତି ମ୍ୟାଡ଼ାମ୍ଙ୍କ ଷ୍ଟୁଡ଼େଣ୍ଟ । ମୁଁ ଟିକେ ମ୍ୟାଡ଼ାମ୍ଙ୍କୁ ଦେଖା କରି ପାରେ ? ହଁ ହଁ ନିଶ୍ଚୟ କାହିଁକି ନୁହେଁ । ଆସନ୍ତୁ ମୋ ସାଙ୍ଗରେ ମୁଁ ଆପଣଙ୍କୁ ମ୍ୟାଡ଼ାମ୍ଙ୍କ ସାଙ୍ଗରେ ଦେଖା କରେଇ ଦେଉଛି । ମୁଁ ଦୂରରେ ଛିଡ଼ା ହୋଇ ମ୍ୟାଡ଼ାମ୍ଙ୍କୁ ଦେଖିଲି କେଜାଣି କାହିଁ ମୋ ଶରୀରର ଅଷ୍ଟାଙ୍ଗ ଲୋମ ଟାଙ୍କୁରୀ ଉଠିଲା ଏବଂ ମୁଁ ମୋ କୋହ ସମ୍ଭାଳି ନପାରି

କାନ୍ଦି ପକାଇଥିଲି ।

ମ୍ୟାଡ଼ାମ୍‌ଙ୍କର ସେ ତେଜସ୍ୱୀନ୍ ଚେହେରା ଆଉ ତେଜସ୍ୱୀନ୍ ହୋଇନଥିଲା । ମୋତେ ଏମିତି ଲାଗୁଥିଲା ସେ ମେଡ଼ିକାଲରେ ସସ୍ମିତା ମହାନ୍ତି ନୁହଁ ଅନ୍ୟ କିଏ ଶୋଇଛନ୍ତି । ସୁପରିଟେଣ୍ଡେଣ୍ଟଙ୍କୁ କହିଲି କଣ କଲେ ମ୍ୟାଡ଼ାମ୍ ସୁସ୍ଥ ହେବେ । ସିଧା ସଳଖ ସୁପରିଟେଣ୍ଡେଣ୍ଟ କହିଲେ ମ୍ୟାଡ଼ାମ୍‌ଙ୍କର ଦୁଇଟାଯାକ କିଡ଼ନୀ ନଷ୍ଟ ହୋଇ ଯାଇଛି । କିଡ଼ନି ମିଳିଲେ ମ୍ୟାଡ଼ାମ୍ ସୁସ୍ଥ ହୋଇଯିବେ । କିଡ଼ନୀ ପାଇଁ ଆମେ ବହୁତ ଯାଗା ଚେଷ୍ଟା ବି କଲୁଣି । ହେଲେ ସେମିତିକା ସହୃଦୟ ବ୍ୟକ୍ତି କେହି ମିଳିନାହାନ୍ତି ଯେ ସ୍ୱେଚ୍ଛାରେ ନିଜ କିଡ଼ନୀ ଦାନ କରିପାରିବେ । ତାଙ୍କ ଫରେନ୍‌ରେ ରହୁଥିବା ପୁଅ ଓ ଆମେରିକାରେ ରହୁଥିବା ଝିଅଙ୍କୁ ଆମେ ମେଲ୍ କରି ଜଣାଇ ଦେଇଥିଲୁ । ସେମାନଙ୍କ ପାଖରୁ ବି କିଛି ରିପ୍ଲାଏ ଆସିନି ନାହିଁ । ମୁଁ ପଚାରିଲି ତାହା ହେଲେ କଣ ହେବ ଯଦି କିଡ଼ନୀ ନ ମିଳେ ତାହା ହେଲେ ମ୍ୟାଡ଼ାମ୍ ଏ ଧରାପୃଷ୍ଠରେ ଖୁବ୍ କମ୍ ଦିନର ଅତିଥି । ମୋ ମୁଣ୍ଡ କିଛି କାମ ଦେଉ ନଥାଏ । ଡାକ୍ତରଙ୍କୁ ପନ୍ଦର ମିନିଟ୍ ସମୟ ମାଗିଲି । ସେ ପନ୍ଦର ମିନିଟ୍ ଭିତରେ ମୁଁ ସ୍ଥିର କଲି ବାପା କହିଥିବା କଥାକୁ ରଖିବି । ମୁଁ ବାପାଙ୍କୁ ଫୋନ୍ କଲି ।ବାପା ଆପଣ କହିଥିଲେ ନା ଏ ଦୁନିଆରେ ବଡ଼ ମଣିଷ ହେବା ତ ଖୁବ୍ ସହଜ କଥା ହେଲେ ଭଲ ମଣିଷ ହେବା ଖୁବ୍ କଷ୍ଟ । ମୁଁ ଗୋଟେ ଭଲ ମଣିଷର କାମ କରିବାକୁ ଚାହୁଁଛି ବାପା । ଆରେ କ'ଣ ହୋଇଚି କ'ଣ ଇଆଡୁ ସିଆଡୁ ଗପି ଚାଲିଛୁ । ମୁଁ କହିଲି ମୁଁ ମୋ ଗୁରୁଦକ୍ଷିଣା ଦେଉଛି ବାପା ଏତିକି କହି ଫୋନ୍‌ଟି କାଟି ଦେଲି । ଏବଂ ଡାକ୍ତରଙ୍କୁ କହିଲି ମୁଁ ମୋ କିଡ଼ନୀ ଦେବି । ଡାକ୍ତର ଆଶ୍ଚର୍ଯ୍ୟ ହୋଇ କହିଲେ ତମେ । ହଁ ହଁ ମୁଁ ସେ ମେଡ଼ିକାଲ ବେଡ୍‌ରେ ଶୋଇଥିବା ମ୍ୟାଡ଼ାମ୍‌ଙ୍କ ମୁହଁରୁ ଯେଉଁ ହସ ଲିଭି ଯାଇଛି ସେ ହସକୁ ମୁଁ ଆଉ ଥରେ ଫେରାଇ ଦେବାକୁ ଚାହୁଁଚି । ଡାକ୍ତର ଠିକ୍ ଅଛି ଆସ ମୋ ସାଙ୍ଗରେ କିଛି ବ୍ଲଡ଼ଟେଷ୍ଟ କଲା ପରେ କିଡ଼ନୀ ଟ୍ରାନ୍‌ସଫର କରି ଦେବା । ଡାକ୍ତର ସାହାବ ଆଗରେ ଓ ମୁଁ ତାଙ୍କ ପଛରେ ଚାଲିଥିଲୁ ।

ରାଉରକେଲା, ଓଡ଼ିଶା

# ଅକୁହା କଥା

ଅନୁପମ ବେହେରା



କିଛି କଥା ରହିଗଲା ମୋ ମନ ଭିତରେ...
କିଛି କଥା କହିଦେଲି ମୁଁ ତୋ ଆଗରେ
କିଛି କଥା ଶୁଣିଦେଇ ଗୁଲିଗଲୁ ତୁ ରାଗରେ
କିଛି କଥା ସୃଷ୍ଟିକଲା ପାଚେରୀ ମଝିରେ
କିଛି କଥା ବୋହିଗଲା ଆଖିର ଲୁହରେ
କିଛି କଥା ଭାସିଗଲା ସାଗର ଜୁଆରେ

କିଛି କଥା ରହିଗଲା ମୋ ମନ ଭିତରେ...
କିଛି କଥା ପାଇଁ ଦିନେ ହୋଇଥିଲେ ଏକାଠି
କିଛି କଥା କରିଦେଲା ଆମକୁ ଦୂରେ
କିଛି କଥା ରହିଗଲା ସ୍ମୃତି ହୋଇ ମନରେ
କିଛି କଥା ଦେଇଗଲା ଦାଗଟେ ଛାତିରେ


କିଛି କଥା ରହିଗଲା ମୋ ମନ ଭିତରେ...
କିଛି କଥା ଫାଟକଲା ଆମ ସଂପର୍କରେ
କିଛି କଥା ସାକ୍ଷୀହେଲା ଭଲପାଇବାରେ
କିଛି କଥା କାଳହେଲା ଦୂରେଇଯିବାରେ

କିଛି କଥା ରହିଗଲା ମୋ ମନ ଭିତରେ...
କିଛି କଥା କହିଲୁନି ତୁ ମୋ ଆଗରେ
କିଛି କଥା କହିଲିନି ମୁଁ ତୋ ଆଗରେ

କିଛି କଥା ରହିଗଲା ମୋ ମନ ଭିତରେ...
କିଛି କଥା ରହିଗଲା ତୋ ମନ ଭିତରେ
କିଛି କଥା ରହିଗଲା ମୋ ମନ ଭିତରେ...

# ତିକ୍ତ ମଧୁର୍

ଶଙ୍କର



ଅବାସ୍ତବତା ମଧ୍ୟେ ବାସ୍ତବତା

ମିଥ୍ୟା- ତା ମଧ୍ଧ ପୁଣି ସତ୍ୟତା

ଅଭିଳାଷାର ଶେଷ ପ୍ରାନ୍ତରେ ଆତୁରତା

କିନ୍ତୁ ସବୁ ଅସାମର୍ଥ୍ୟତାର ଆଦ୍ୟ ଚଞ୍ଚକତା

ପ୍ରଦୀପର ଦୀପ୍ତିମାନ ଜାଜ୍ୱଲ୍ୟ ବହ୍ନି

ନିବିଡତା ମଧ୍ୟେ ବିଛିନ୍ନତାର ଧ୍ୱନି

ସଫଳତାରେ ବୃଥା ଆସ୍ଫାଳନର ଶନି

ସବୁର ଆଦ୍ୟ- ବିଫଳ ଲେଖକର ଭଗ୍ନ ଲେଖନୀ

ଦେଖିଲେ ସର୍ବେ ଏ କି ବ୍ୟତିକ୍ରମ

କାହୁର୍ ମଣିଷଟି ପାଲଟି ଯାଇଛି....

ହସର ଆସର

କଣ ଯେ କାରଣ ତାର ଏ କଟାକ୍ଷ ଭରା,

ଦାନବୀୟ ହସର ? ? ?

ହୋଇଗଲା ସେ ସେଦିନୁ ଜନତାଙ୍କ କେନ୍ଦ୍ରବିନ୍ଦୁ

ପାଲଟିଗଲ୍ ସେ ପ୍ରଫୁଲ୍ଲତାର ଚନ୍ଦ୍ରବନ୍ଧୁ,

କନ୍ତୁ ଘେରଛି ତାକୁ ଯେ ନରାଶାର ସିନ୍ଧୁ,

ପାରୁନ ପିନ୍ଧି ସେ ତେଣୁ ଜନତାଙ୍କ ଉପହାରର ସାଞ୍ଜୁ

ଭାବୁଛି ସେ ହଜ ଯାଆନ୍ତାକ ସେ-

କାଳର କରାଳ ଗର୍ଭରେ

ନ ବଞ୍ଚନ୍ତାକ ସେ କାହା ମାନସପଟ୍ଟରେ....

କନ୍ତୁ ଦଆ ଯଉନ ତାକୁ ସେତକ ସୁଯୋଗ

ଦେଇଛି ଯେହେତୁ ସେ କାହାକୁ ସଂପଦ ଓ ଭୋଗ

ରାଲେ, ନର୍ଥ୍ କ୍ୟାରୋଲନା

Euphoriaherald@gmail.com

6023030363

# ଅନାଗତ ଭବିଷ୍ୟତ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ଚାଲୁ ଚାଲୁ ହଠାତ୍ ଅଟକି ଯାଇଥିଲା ରେଖା । ଦିଲ୍ଲୀ ସହରର ବ୍ୟସ୍ତବହୁଳ ଚାନ୍ଦିନୀଚୌକରେ ନିଜ ସ୍ୱାମୀଙ୍କ ହାତଧରି ଚାଲୁଥିବା ରେଖା ହଠାତ ଅଟକି ଯିବାପରେ ପଛକୁ ବୁଲି ପ୍ରଶାନ୍ତ ରେଖାକୁ ଚାହୁଁଥିଲେ, ରେଖା ଦୂର ଗହଳି ଆଡ଼କୁ ଦେଖି ଅଟକି ଯାଇଥିଲା । ପ୍ରଶାନ୍ତ ପୁଣିଥରେ ହାତକୁ ଧରି ଆଗକୁ ବଢ଼ିଲେ । ହେଲେ ରେଖା ବୁଲି ବୁଲି ପଛକୁ ଚାହୁଁଥିଲା । ଗହଳିରୁ ବାହାରକୁ ଆସିବାପରେ ହୋଟେଲ୍ ରୁମକୁ ଫେରି ଆସିଥିଲେ ସେମାନେ କିନ୍ତୁ ରେଖା ଅନ୍ୟମନସ୍କ ରହିଥିଲା । ପ୍ରଶାନ୍ତ କାରଣ ପଚାରିବା ପରେ ମଧ୍ୟ ସେ ନିରବ ଥିଲା । ସେମିତିରେ ବି ବାହାଘର ପରେ ଅଧିକାଂଶ ସମୟ ସେ ଏମିତି ନିରବ ରହେ, ତେଣୁ ପ୍ରଶାନ୍ତ ବେଶୀ କିଛି ପ୍ରଶ୍ନ କରନ୍ତି ନାହିଁ । ଘରେ ଅନ୍ୟମାନଙ୍କୁ ଏଇ ବିଷୟରେ ପଚାରିବା ବେଳେ ବଡ଼ ଭଉଣୋଇ କହିଥିଲେ, 'ଯଦି ସ୍ତ୍ରୀ ନିରବ ରହେ, ତା ହେଲେ ହିଁ ଭଲ । ଥରେ ମୁହଁ ଖୋଲିଲେ ଆଉ ବନ୍ଦ ହେବନି ।' ସମସ୍ତେ ହସରେ ଉଡ଼େଇ ଦେଇଥିଲେ କଥାକୁ । ଅଫିସରେ ମଧ୍ୟ ସହକର୍ମୀମାନେ ସେଇ ଏକା କଥା କହିଲେ, 'ଭାଇ, ଭାଉଜ ଯଦି ନିରବ ଅଛନ୍ତି ଭଲ କଥା । ସେ ସେମିତି ରହନ୍ତୁ ସବୁବେଳେ !'

ଅବଶ୍ୟ ରେଖା ଜିଦ୍ କରିଥିଲା, ସନ୍ଧ୍ୟାରେ ଫ୍ଲାଇଟ୍ ଧରି ଭୁବନେଶ୍ୱର ଆସିବା ପାଇଁ । ହେଲେ ରେଖାର ନିରବତା ବେଳେ ବେଳେ ପ୍ରଶାନ୍ତକୁ ଚିନ୍ତାରେ ପକାଇ ଦେଇଥାଏ । ଇଞ୍ଜିନିୟର୍ ଚାକିରୀ କରିଥିଲେ ବି ସେ କିଛି କିଛି ମନୋବିଜ୍ଞାନ ବିଷୟରେ ଜାଣେ । ତାକୁ ଲାଗେ ରେଖା ମାନସିକ ଅବସାଦର ଶିକାର ହୋଇନାହିଁ ତ ? ସେ ଯା ହେଉ, ରେଖା ଅନେକ ଦିନ ଏମିତି ନିରବ ରହେ, ଅବଶ୍ୟ ଘର କାମରେ କେବେ ଅବହେଳା କରେନି, ସମସ୍ତଙ୍କ ଭଲମନ୍ଦ ବୁଝିବା ଘରେ ରୋଷେଇବାସ

କରିବା ସବୁଥିରେ ସହଯୋଗ କରେ, କିନ୍ତୁ କାହିଁକି କେଜାଣି ସେ ତଥାପି ଅଲଗା ଅଲଗା ଲାଗେ । ପ୍ରଶାନ୍ତ ମୁହଁ ଖୋଲି କାହାକୁ କିଛି କହିପାରେନି, ହେଲେ ବିବାହର ଚାରିମାସ ବିତିଗଲା ପରେ ମଧ୍ୟ ରେଖା ଆଉ ତା ମଧ୍ୟରେ କୌଣସି ପ୍ରକାର ସମ୍ବନ୍ଧ ସ୍ଥାପନ ହୋଇ ପାରିନାହିଁ । ନିଜ ଚାକିରୀକୁ ନେଇ ବ୍ୟସ୍ତ ରହୁଥିବା ପ୍ରଶାନ୍ତ ଏ ବିଷୟକୁ ଅବଶ୍ୟ ବେଶୀ ଗମ୍ଭୀରତାର ସହ ନେଇନାହିଁ । କିନ୍ତୁ ବେଳେ ବେଳେ ସେ ଅନୁଭବ କରେ ଯେମିତି ରେଖା ତାକୁ ଜାଣି ଜାଣି ଦୂରତ୍ୱ ରଖେ । ଛୁଇଁବାକୁ କିମ୍ବା ନିକଟତର ହେବାକୁ ଦିଏ ନାହିଁ । ଇଣ୍ଟରନେଟରେ ପଢ଼ିଥିଲା ଏ ସବୁ ବେଳେ ବେଳେ ନବବିବାହିତା ମାନଙ୍କ କ୍ଷେତ୍ରରେ ଦେଖାଯାଏ ଏବଂ ଧିରେ ଧିରେ ସେ ସବୁ ଦୂର ହୋଇଯାଏ, ତେଣୁ ସେ ରେଖାକୁ ଯଥେଷ୍ଟ ସମୟ ଦେଇଛି । ବିବାହର ଚାରିମାସରେ ଦୁଇ ଦୁଇଥର ସେ ବିଭିନ୍ନ ବାହାନାରେ ଘରୁ ବାହାରକୁ ନେଇ ଆସିଛି, ଥରେ କେରଳ ଆଉ ଏବେ ଦିଲ୍ଲୀ, କିନ୍ତୁ ତଥାପି ରେଖା ସହ ତାର ସମ୍ବନ୍ଧ ହୋଇପାରିନାହିଁ । ଧିରେ ଧିରେ ପ୍ରଶାନ୍ତର ମନର ଧୈର୍ଯ୍ୟ ଭାଙ୍ଗିବାକୁ ବସିଲାଣି । ଖଟ ଉପରେ ଗଡ଼ି ନିଜର ଅତୀତକୁ ମନେ ପକାଉଛି ସେ...

ସଦ୍ୟ ଇଞ୍ଜିନିୟରିଂ ସମାପ୍ତ କରିଥିବା ସମୟରୁ ହିଁ ଘରେ ତା' ବିବାହ ପାଇଁ ପ୍ରସ୍ତାବ ଆସିଥିଲା, ହେଲେ ପ୍ରଶାନ୍ତ ସେ ସବୁକୁ ଏଡ଼ାଇ ଦେଇଥିଲା । ଏବଂ ଘରେ ଅନେକ ବାଧବାଧକତା ସତ୍ତ୍ୱେ ସେ ଚାକିରୀରେ ଧ୍ୟାନ ଦେଇଥିଲା, ଏହି ସମୟରେ ସେ ଦିନେ ରେଖାକୁ ଦେଖି ମୋହିତ ହୋଇଯାଇଥିଲା । ରେଖାର ସୌନ୍ଦର୍ଯ୍ୟ ଦେଖି ସେ ତତ୍‌କ୍ଷଣାତ ବିବାହ ପ୍ରସ୍ତାବ ଦେବାପାଇଁ ଘରେ କହିଥିଲା । ଅବଶ୍ୟ ରେଖା ଅନ୍ୟ ଜାତିର ହୋଇଥିବା ହେତୁ ଘରେ ସମସ୍ତେ ଟିକେ ମନ ଉଣା କରିଥିଲେ, କିନ୍ତୁ ରେଖାର ସୌନ୍ଦର୍ଯ୍ୟ ଦେଖି ସବୁ ମନକୁ ବୁଝେଇ ଦେଇଥିଲେ । ବାପା କହିଥିଲେ, 'ଯା ହେଉ ସେ ବାହା ହେବ ବୋଲି କହିଲା, ବଡ଼ କଥା । ଜାତିରେ କଣ ଅଛି ? ସୁନ୍ଦର ବୋହୁଟିଏ ତ ମିଳୁଛି, ଚାଲ ବାହା କରିଦେବା । ତା ଜୀବନ ସେ ଯାହା କରିବ ଭାବିଚିନ୍ତି କରିବ । ଆମେ କିଏ ?' ଏବଂ ଦେଖୁ ଦେଖୁ ବିବାହ ମଧ୍ୟ ହୋଇଗଲା । ପ୍ରେମ ବିବାହ କରିଛି ବୋଲି ସମସ୍ତେ ଚିଡ଼ାଉଥିଲେ । ବଡ଼ ଭିଣୋଇ ଆଉ ଭଉଣୀମାନେ ମଧ୍ୟ ବହୁତ ଚିଡ଼ାଇଥିଲେ । ହେଲେ ବିବାହ ପରେ ରେଖା ସହ କୌଣସି ସମ୍ବନ୍ଧ ସ୍ଥାପନ

କରିବାକୁ ଅସକ୍ଷମ ପ୍ରଶାନ୍ତ କାହାକୁ ବି ନିଜ ମନ କଥା କହିପାରି ନଥିଲା । ନିଜେ ପସନ୍ଦ କରି ବିବାହ କରିଥିଲା, ଏବେ କାହାକୁ କହିବ ? ତଥାପି ରେଖା କୌଣସି ପ୍ରକାର ଅସୁବିଧା କରୁ ନ ଥିବାରୁ ସେ ସମ୍ବନ୍ଧକୁ ଗୁରୁତ୍ୱ ଦେଇନଥିଲା ।

କେରଳ ଯାଇଥିବା ସମୟରେ ପ୍ରଶାନ୍ତ ରେଖା ସହ ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରିଥିଲା, କିନ୍ତୁ ସେ ସେତେବେଳେ ଜମା ସାହାଯ୍ୟ କରିନଥିଲା । ଅବଶ୍ୟ ସେତେବେଳେ ବିବାହର ମାତ୍ର ପନ୍ଦର ଦିନ ହୋଇଥିଲା, ତେଣୁ ପ୍ରଶାନ୍ତ କିଛି କହିନଥିଲା, ହେଲେ ଏବେ ଚାରିମାସ ବିତିଗଲାପରେ ମଧ୍ୟ ସ୍ୱାମୀସ୍ତ୍ରୀ ପରି ସାମାନ୍ୟ ସମ୍ପର୍କ ବି ରହିନାହିଁ । ପ୍ରଶାନ୍ତ ଚିନ୍ତାଗ୍ରସ୍ତ ହୋଇଗଲା ।

ରେଖାକୁ ବହୁତ ଭଲ ପାଏ ବୋଲି ସେ କେବେ ଜବରଦସ୍ତି କରିନାହିଁ କିମ୍ବା କୌଣସି ପ୍ରକାର ଚାପ ପକାଇନାହିଁ । ଦିଲ୍ଲୀରୁ ଫେରିବା ପରେ ରେଖା କିଛି ଦିନପାଇଁ ନିଜ ଘରକୁ ଯିବାପାଇଁ ଇଚ୍ଛା ପ୍ରକାଶ କରିଥିଲା । ପ୍ରଶାନ୍ତ ନିଜେ ନେଇ ରେଖାକୁ ଛାଡ଼ିଦେଇଥିଲା । ଘରେ ମଧ୍ୟ ରେଖା ସେମିତି ନିରବ ରହିବା ହିଁ ଦେଖିଥିଲା । ନିଜ ଘରେ ତ ଝିଅମାନେ କେତେ ଚଞ୍ଚଳ ରହନ୍ତି କିନ୍ତୁ ରେଖାର ବ୍ୟବହାର ତାକୁ ଅନୁଚିତ ମନେ ହେଉଥିଲା । ସେ ଯେଉଁଦିନ ଘରୁ ଫେରିଥିଲା ସେଦିନ ରାସ୍ତାରେ ଗାଡ଼ି ଅଟକାଇ ପ୍ରଶାନ୍ତ ପାର୍କ ଭିତରକୁ ନେଇ ଯାଇଥିଲା ରେଖାକୁ ସେଇଠି ପାଣି ପାଖରେ ବସି ସେ ରେଖାକୁ ପଚାରିଥିଲା, 'ତୁମକୁ କୌଣସି ପ୍ରକାର ମାନସିକ ରୋଗ ହୋଇଛି କି ?' ରେଖା ଆଶ୍ଚର୍ଯ୍ୟ ହୋଇ ପ୍ରଶାନ୍ତକୁ ଚାହିଁଥିଲା । ପ୍ରଶାନ୍ତ ସ୍ନେହରେ ପଚାରିଥିଲା, 'ଦେଖ ଯଦି ତୁମର କୌଣସି ପ୍ରକାରର ଅସୁବିଧା ଅଛି, କୁହ ଆମେ ଯିବା । ସବୁଠୁ ଭଲ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରିବା ।'

ରେଖା ଧିରେ କହିଲା, 'ତୁମକୁ କାହିଁକି ଲାଗୁଛି ମୋତେ କିଛି ରୋଗ ହୋଇଛି ବୋଲି ? ତୁମେ କଣ ଭାବୁଛ ମୁଁ ପାଗଳୀ ନା କଣ ?' ପ୍ରଶାନ୍ତ ହସିଦେଇ କହିଲା, 'ନା ସେମିତି ଭାବୁନି ଯେ, ହେଲେ ବିବାହର ପାଞ୍ଚମାସ ହୋଇଗଲାଣି, ତୁମେ ଆଉ ମୋ ଭିତରେ କୌଣସି ସମ୍ପର୍କ ନାହିଁ । ମୁଁ ଚେଷ୍ଟା କଲେ ବି ତୁମେ ସବୁବେଳେ ବ୍ୟବଧାନ ରଖୁଛ । ସେଇଥି ପାଇଁ ଭାବୁଥିଲି । ବିବାହ ପରେ ଜଣେ ଜଣେ ମହିଳା ଏମିତି ବ୍ୟବହାର କରନ୍ତି କିନ୍ତୁ ଧିରେ ଧିରେ ସବୁ ସାମାନ୍ୟ ହୋଇଯାଏ, ହେଲେ ଏଠି

ପାଞ୍ଚମାସ ବିତିଗଲାଣି...' ରେଖା ନିରବ ହୋଇ ତଳକୁ ଚାହିଁଲା । ପ୍ରଶାନ୍ତ ପୁଣି ପ୍ରଶ୍ନ କଲା, 'ଦିଲ୍ଲୀ ଯାଇଥିବା ବେଳେ ହଠାତ୍ ଫେରି ଆସିବା ପାଇଁ କାହିଁକି କହିଲ ?' ରେଖା କିଛି କହିବାକୁ ଚାହୁଁନଥିଲା, ପ୍ରଶାନ୍ତ ଆଉ ଧୈର୍ଯ୍ୟ ଧରି ରହିପାରୁ ନଥିଲା, ହଠାତ୍ ଚିତ୍କାର କରି କହିଲା, 'କିଛି ତ କୁହ ? କେତେ ଦିନ ଏମିତି ଚାଲିବ ? ତୁମକୁ ବିବାହ କରିଛି ମୁଁ । ମୋର କିଛି ଅଧିକାର ଅଛି । ମୋର ସମସ୍ତ କର୍ତ୍ତବ୍ୟ ଯଦି ମୁଁ କରୁଛି ତୁମେ କାହିଁକି ବିରସ ବିରସ ଲାଗୁଛ ?'

ରେଖା କିଛି ସମୟ ପ୍ରଶାନ୍ତ ମୁହଁକୁ ଚାହିଁ ଚାହିଁ କାନ୍ଦିପକାଇଲା । ପ୍ରଶାନ୍ତ ଆଶ୍ଚର୍ଯ୍ୟ ହୋଇଗଲା । କାରଣ ବିବାହ ପରେ ବୋଧହୁଏ ପ୍ରଥମଥର ସେ ରେଖାକୁ କାନ୍ଦିବା ଦେଖୁଥିଲା । କାନ୍ଦୁ କାନ୍ଦୁ ସେ କହିଲା, 'ତୁମେ ମୋ ଜୀବନ ନଷ୍ଟ କରିଦେଲ ।' ପ୍ରଶାନ୍ତ କିଛି ବୁଝିପାରିଲା ନାହିଁ । ରେଖା କହୁଥିଲା...

ତୁମେ କାହିଁକି ମୋତେ ବିବାହ କରିବ ବୋଲି ଆସିଲ ? ମୁଁ ତ କହିନଥିଲି । ମୁଁ ବିବାହ କରିବାକୁ ଚାହୁଁନଥିଲି । କଲେଜରେ ପଢୁଥିବା ବେଳେ ମୋ ସହପାଠୀ ଅଜୟକୁ ମୁଁ ଭଲ ପାଉଥିଲି । ତାକୁ ବାହା ହେବି ବୋଲି କଥା ଦେଇଥିଲି, ହେଲେ ଯେଉଁଦିନ ତୁମ ପ୍ରସ୍ତାବ ଆସିଲା ସେ ଦିନ ଘରେ କହିଦେଲେ ମୋର କଲେଜ ଯିବା ବନ୍ଦ । ଅଜୟକୁ ଦେଖା କରିବା ସମ୍ଭବ ନଥିଲା । ତଥାପି ଅନେକ ଉପାୟ କରି ତାକୁ ଏହି କଥା କହିବା ପାଇଁ ଚେଷ୍ଟା କରିଥିଲି ହେଲେ ସେ ଆଉ ଦେଖା ଦେଇନଥିଲା । ତୁମେ ଆସିବପରେ ମୋ ଜୀବନ ପୁରା ବଦଳିଗଲା । ଅନିଚ୍ଛା ସତ୍ତ୍ୱେ ମୋତେ ବିବାହ କରିବାକୁ ପଡ଼ିଥିଲା, କାରଣ ମୋ ବୋଉ ମଧ୍ୟ ଆତ୍ମହତ୍ୟା କରିବ ବୋଲି ଧମକ ଦେଇଥିଲା । ମୋ ପାଖରେ ଆଉ କିଛି ଉପାୟ ନଥିଲା । ସେଦିନ ଦିଲ୍ଲୀରେ ତୁମ ସହ ବୁଲୁଥିବା ବେଳେ ମୋତେ ଲାଗିଲା ସତେ ଯେମିତି ମୁଁ ସେଇଠି ଅଜୟକୁ ଦେଖିଲି । ଅନେକ ସମୟରେ ସେ ମୋତେ ସ୍ୱପ୍ନରେ ଆସି କାହିଁକି ପ୍ରତିଶ୍ରୁତି ଭାଙ୍ଗିଲି ବୋଲି ପ୍ରଶ୍ନ କରିଛି । ମୁଁ ସାମାନ୍ୟ ହେବାକୁ ଚାହିଁଲେ ବି ସବୁବେଳେ ତା କଥା ମନେ ପଡ଼ିଯାଉଛି । ପ୍ରଶାନ୍ତର ପାଦତଳୁ ମାଟି ଖସିଗଲା ପରି ଲାଗୁଥିଲା ।

ରେଖା ନିର୍ବିକାର ଭାବରେ ଘାସ ଗାଲିଚା ଉପରେ ବସିଥିଲା । ପ୍ରଶାନ୍ତ ଉଠିପଡ଼ି ଏପାଖ ସେପାଖ ପଦଚାରଣ କରୁ କରୁ କଣ କରିବ କିଛି ନିଷ୍ପତ୍ତି ନେଇ ପାରୁନଥିଲା । ବାସ୍ତବିକ ସେ ହିଁ ବିବାହ ପାଇଁ

ଆଗୁଆ ପ୍ରସ୍ତାବ ଦେଇଥିଲା ଆଉ ବିବାହକୁ ଶୀଘ୍ର କରିବାପାଇଁ ଏକରକମ ବାଧ୍ୟ କରିଥିଲା । ସୁଶିକ୍ଷିତ ଏବଂ ପ୍ରତିଷ୍ଠିତ ପରିବାରର ସୁଯୋଗ୍ୟ ସନ୍ତାନ ବୋଲି ରେଖାର ବାପାମାଆ ମଧ୍ୟ ବିବାହ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସେ ବି ବିବାହ ପୂର୍ବରୁ ନିଜେ ରେଖାର ବାପାଙ୍କୁ ବାଧ୍ୟ କରିଥିଲା ଶୀଘ୍ର ବିବାହ ସାରିଦେବା ପାଇଁ । ବୋଧହୁଏ ରେଖାର ବାପା ନିଜର ବାହୁବଳ ଓ ବୁଦ୍ଧିର ବ୍ୟବହାର କରି ଅଜୟକୁ ବିବାହ ପର୍ଯ୍ୟନ୍ତ ଦୂରକୁ ପଠାଇ ଦେଇଥିଲେ । ହେଲେ ବିବାହର ପାଞ୍ଚମାସ ପରେ ବି ରେଖା ଅଜୟକୁ ହିଁ ମନରେ ରଖିଛି ଜାଣି ସେ ଦୁର୍ବଳ ହୋଇଯାଉଥିଲା । ଏବେ ପ୍ରଶାନ୍ତ ଏମିତି ଏକ ରାସ୍ତାରେ ଠିଆ ହୋଇଥିଲା, ଯେଉଁଠୁ ପଛକୁ ଯିବା ବା ଆଗକୁ ଯିବା କେଉଁଟା ଠିକ୍ ସେ ନିଜେ ଜାଣି ପାରୁନଥିଲା । କଣ କରିବା ଉଚିତ ହେବ ? ରେଖାକୁ ପଚାରିବ, ଯଦି ରେଖା ଚାହେଁ ତ ପୁଣି ନେଇ ତା ଘରେ ଛାଡ଼ିଦେଇ ଆସିବ ? ନା, ରେଖାକୁ ପଚାରିବା ଉଚିତ ହେବନି । ରେଖା ବର୍ତ୍ତମାନ ତା ଜୀବନରେ ଘଟିଥିବା ବିଭିନ୍ନ ଘଟଣାକୁ ନେଇ ବିଚଳିତ ରହିଛି । ତା'କୁ ଛାଡ଼ିଦେବ କି ? ଛାଡ଼ିଦେଲେ ସମସ୍ତେ କଣ କହିବେ ? ଘରେ କି ସମ୍ମାନ ରହିବ ? ବାସ୍ତବିକ ରେଖାର ଏହି ଅବସ୍ଥାପାଇଁ କେବଳ ପ୍ରଶାନ୍ତ ହିଁ ଦାୟୀ । ମାନସିକ ବିଷାଦର ବଶବର୍ତ୍ତୀ ହୋଇ ଆସୁଥିଲା ସେ ।

ସନ୍ଧ୍ୟା ଅଧିକରୁ ଅଧିକ ହେଉଥିଲା, ପାର୍କର ସୁରକ୍ଷା କର୍ମୀ ଆସି କହିଦେଇ ଗଲେ, ପାର୍କ ବନ୍ଦ କରିବା ସମୟ ଆସିଗଲାଣି । ପ୍ରଶାନ୍ତ ଜଡ଼ପ୍ରାୟ ଠିଆ ହୋଇଛି, ରେଖା ତା ହାତ ହଲେଇ କହୁଛି, 'ଚାଲ ଘରକୁ ଯିବା । ସମସ୍ତେ ଅପେକ୍ଷା କରିଥିବେ ।' ପ୍ରଶାନ୍ତ ରେଖାର ମୁହଁକୁ ଚାହୁଁଛି, ସେଠାରେ କୌଣସି ଭାବ ଦେଖିବାକୁ ପାଉନାହିଁ । ସେମାନେ ପାର୍କ ବାହାରକୁ ଆସିବା ପରେ ପ୍ରଶାନ୍ତ କହୁଛି, 'ତୁମେ ଯଦି ଚାହୁଁଥାଅ, ତେବେ ମୁଁ ତୁମକୁ ନେଇ ତୁମ ଘରେ ଛାଡ଼ିଦେଇ ଆସିବି ।' ରେଖା ସାମାନ୍ୟ ହସିଦେଇ କହୁଛି, 'ତୁମେ ମୋତେ ବିବାହ କରିବ ବୋଲି ଜିଦ୍ କରିବାପରେ ମୁଁ ମୋ ଜୀବନରେ ଯେଉଁ ପର୍ଯ୍ୟାୟ ଦେଇ ଆସିଛି, ପୁଣି ଥରେ ସେଇ ରାସ୍ତାରେ ଯିବାର ସାହାସ ମୋର ନାହିଁ । ସେତେବେଳେ ଅଜୟ ଆତ୍ମହତ୍ୟା କରିଥିଲା, ହୁଏତ ଏଥର ବାପା କିମ୍ବା ବୋଉ କିଏ କରିଦେବେ । ପ୍ରଶାନ୍ତ ଦେଖୁଥିଲା କେତେ ଜୁଆର ରେଖାର ମନରେ ଉଠୁଥିଲା ହେଲେ ବି ସେ ନିରବ ନିଶ୍ଚଳ ରହିଥିଲା । ଗାଡ଼ି ଘର ଆଡ଼କୁ

ଚାଲିଥିଲା ।

ସେ ଦିନ ରାତିରେ ପ୍ରଶାନ୍ତ ଶୋଇ ପାରିନଥିଲା । ମନେ ମନେ ସ୍ଥିର କରୁଥିଲା, ରେଖାକୁ ନେଇ ସେ ଅଜୟ ପାଖରେ ଛାଡ଼ିଦେଇ ଆସିବ । ହେଲେ ରେଖା ଯେତେବେଳେ ଜାଣିବ ତା ବାପା ନିଜେ ଏ ସବୁ କରିଛନ୍ତି ବୋଲି ସେ ପୁଣି ଭାଙ୍ଗିପଡ଼ିବ ନାହିଁ କି ? ଏମିତି ଚିନ୍ତା କରୁ କରୁ କେତେବେଳେ ସେ ଶୋଇଯାଇଥିଲା ଜାଣେନି । ହଠାତ୍ ନିଦ ଭାଙ୍ଗିବା ବେଳକୁ ତାକୁ ଘେରି ରହିଥିଲେ ପରିବାରର ସଦସ୍ୟମାନେ । ପାଦପାଖରେ ବସି କାନ୍ଦୁଥିଲା ରେଖା । କିଛି ବୁଝିପାରୁନଥିଲା ସେ । ଖଟ ଉପରେ ଉଠି ବସିବାପାଇଁ ଚେଷ୍ଟା କରୁଥିଲା ହେଲେ ହାତରେ ସାଲାଇନ୍ ଲାଗିଥିଲା । ସେ ଉଠି ପାରୁନଥିଲା । ଆଖି ଖୋଲିବା ପରେ ସବୁ ଚାଲିଯାଇଥିଲେ । ସେ ବାଉଳି ହେବାପରି ପଚାରୁଥିଲା, କଣ ହୋଇଛି ? ମୋତେ କାହିଁକି ସାଲାଇନ୍ ଦେଉଛନ୍ତି ? ରେଖା ପାଖକୁ ଆସି ପ୍ରଶାନ୍ତଙ୍କୁ ଭିଡ଼ିଧରି କାନ୍ଦିବାକୁ ଲାଗିଲା । ପ୍ରଥମଥର ବୋଧହୁଏ ରେଖା ପ୍ରଶାନ୍ତର ଏତେ ନିକଟରେ ଥିଲା । ଅଥଚ ସେ ଚାହିଁଲେ ବି ହାତ ଉଠେଇ ତାକୁ ଭିଡ଼ି ଧରିପାରୁନଥିଲା ।

ରେଖା ଅଭିଯୋଗ କରି କହୁଥିଲା, 'କାଲି ରାତିରେ ତୁମେ ଅନେକ ଗୁଡ଼ିଏ ନିଦବଟିକା ଖାଇଦେଇଥିଲ କାହିଁକି ? ମୁଁ ଜାଣିଛି, ତୁମ ପାଇଁ ମୋ ଜୀବନ ବଦଳି ଯାଇଛି, ହେଲେ ବର୍ତ୍ତମାନରେ ମୁଁ ଯେଉଁ ଅବସ୍ଥାରେ ଅଛି, ତାହାକୁ ବଦଳାଇବାକୁ କାହିଁକି ଚେଷ୍ଟା କରୁଛ ? ତୁମେ କାହିଁକି ମନସ୍ତାପ କରୁଛ ? ମୋ ବାପାମାଆଙ୍କ ଜିଦ୍ ପାଇଁ ମୁଁ ଆଜି ଏହି ଅବସ୍ଥାରେ ଅଛି । ତୁମର ବା ଦୋଷ କଣ ? ସେମାନେ ସବୁ ଜାଣି ସୁଦ୍ଧା ତୁମ ସହ ମୋର ବିବାହ କରିଦେଲେ । ସେମାନେ ଚାହିଁଥିଲେ ମନା କରିପାରିଥାନ୍ତେ । ମୋତେ ଯେତେବେଳେ ସାହାରାର ଆବଶ୍ୟକତା ଥିଲା, ସେତେବେଳେ ଅଜୟ ପାଖରେ ନଥିଲା, ଏବେ ତୁମେ ଯଦି ମୋତେ ଛାଡ଼ି ଚାଲିଯିବ ମୁଁ କଣ କରିବି ।' ରେଖା କାନ୍ଦୁଥିଲା । ପ୍ରଶାନ୍ତ ମନେ ପକାଉଥିଲା, ଗତ ରାତିର କଥା । ସେ ବିଚଳିତ ହୋଇପଡ଼ିଥିଲା ଆଉ ରେଖାର ଅବସ୍ଥାପାଇଁ ନିଜକୁ କ୍ଷମା କରିପାରୁନଥିଲା । ସେଇଥିପାଇଁ ନିଦରେ ଶୋଇବାପାଇଁ ଅନେକ ଗୁଡ଼ିଏ ନିଦ ବଟିକା ଖାଇ ଦେଇଥିଲା । ହେଲେ ରେଖାର କଥା ଶୁଣିବାପରେ ତା ନିଦ ଭାଙ୍ଗି ଆସୁଥିଲା । ସେ

ଗୋଟିଏ ହାତରେ ରେଖାର ମୁହଁକୁ ଉପରକୁ ଉଠେଇ ତା ମଥାରେ ଚୁମାଟିଏ ଦେଇ କହୁଥିଲା, 'ତୁମ ପାଇଁ ନିଜକୁ ଦୋଷୀ ବୋଲି ମନେ କରି ଗତରେ ନିଦ ହେଲାନି, ତେଣୁ ବଟିକା ଗୁଡ଼ାଏ ଖାଇ ଦେଇଥିଲି ।' ରେଖା ନିଜ ଲୁହ ପୋଛିଦେଇ କହୁଥିଲା, 'ଆଉ ଦିନେ ସେ ବଟିକା ଖାଇବନି ।'

ପ୍ରଶାନ୍ତକୁ ଲାଗୁଥିଲା ବୋଧହୁଏ ସବୁକିଛି ସାମାନ୍ୟ ହୋଇଯିବ । ଘର ଭିତରୁ ସୂର୍ଯ୍ୟକିରଣ ଅପସରି ଯାଉଥିଲା । ବୋଉ ସନ୍ଧ୍ୟାଦୀପ ଜାଳିଦେଇ ଘଣ୍ଟି ବଜାଇ ପୂଜା କରୁଥିଲା ବେଳେ ଶେଯରେ ଶୋଇରହିଥିଲା ପ୍ରଶାନ୍ତ ଆଉ ତା ମଥାକୁ ଆଉଁସି ଦେଉଥିଲା ରେଖା, ପ୍ରଶାନ୍ତ ଆଖି ବନ୍ଦ କରିଦେଇ ଅନାଗତ ଭବିଷ୍ୟ ବିଷୟରେ ଚିନ୍ତା କରିବାରେ ଲାଗିଥିଲା ।

ବୀମା ନଗର, ବ୍ରହ୍ମପୁର,
୭୬୦୦୧୦, ଓଡ଼ିଶା,
ଇମେଲ୍ - aahwaan@gmail.com
ଫୋନ୍ - 9040985463

# ସମୀକ୍ଷା : ଏକା ଏକା ହୃଦୟ


ଜୟନ୍ତୀ ବେହେରା



'... ମୁଁ ନିଜକୁ ନିଜେ ଭଲ ପାଏ ଏଥିପାଇଁ ନିଜ ପାଇଁ କବିତା ଲେଖେ । ମୁଁ କବିତାକୁ ଭଲ ପାଏ ସେଥିପାଇଁ ମୁଁ କବିତା ଲେଖେ । ମୁଁ କବିମାନଙ୍କୁ ଭଲପାଇ କବିତା ଲେଖେ । କବିତା ପଢୁଥିବା ଅନେକ ମୁଗ୍ଧ ପାଠକ ପାଠିକାଙ୍କ ପାଇଁ କବିତା ଲେଖେ । ନିଜ ଭିତରେ ନିଜକୁ ଏକୁଟିଆ ପାଇ କବିତା ମୋ କଲମରୁ ଝରି ସାଥିଭଳି ରହେ । ବେଳେ ବେଳେ ମନ ଭିତରେ ଦ୍ୱନ୍ଦ୍ୱ, ଆଶା, ନିରାଶା, ଜୀବନର ସୁଖଦୁଃଖ ଘାଇଆଲୁଅ, ମନ ଭିତର ଅଭିମାନ ସ୍ୱାଭିମାନ, ହୃଦୟର ଭଲପାଇବା, ଯେତେ ସବୁ ଜୀବନର କୋହମୋହ ଉବୁଟୁବୁ ଭାବନା କବିତାର ରୂପ ନିଏ । ରୂପ ନେବାକୁ ବାଧ୍ୟ ହୁଏ । ହୃଦୟ ଖୋଲି କାହାକୁ ଭଲପାଇଲେ କବିତା ଲେଖେ । ଆଦ୍ୟ ଯୌବନର ଏକ ତରଫା ପ୍ରେମରୁ କବିତା ଲେଖା ଆରମ୍ଭ । ବର୍ତ୍ତମାନର ସାଂସାରିକ ସମ୍ପର୍କରୁ କବିତା ଲେଖା ଏ ଯାଏଁ ଚାଲିଛି ଏବଂ ଆଶା ଆଗକୁ ଚାଲିବ ।' ଏହିପରି ଏକ ଉକ୍ତିରୁ ନିଜର ଲେଖକୀୟ ଅଭିବ୍ୟକ୍ତି ଆରମ୍ଭ କରିଥିବା କବି ଭାଗିରଥୀ ବେହେରା ପାଠକମାନଙ୍କୁ ଦେଉଛନ୍ତି ତାଙ୍କର ପ୍ରଥମ କବିତା ସଂକଳନ 'ଏକା ଏକା ହୃଦୟ' ।

କିଛି ବର୍ଷ ତଳେ ଲେଖା ଯାଇଥିବା କବିତା ଗୁଡ଼ିକ ସହ ସାଂପ୍ରତିକ ସମୟରେ ଲେଖା ଯାଇଥିବା କିଛି କବିତାକୁ ନେଇ ଏହି ସଂକଳନ ସମୃଦ୍ଧ ହୋଇଛି । ସଂକଳନର ନାମକୁ ଯଥାର୍ଥ କରିବା ପାଇଁ କବି ନିଜ ହୃଦୟକୁ ରଖିଦେଇଛନ୍ତି କବିତା ମାନଙ୍କରେ । ଆରମ୍ଭ କରିଛନ୍ତି କବିତା 'କାମନା'ରୁ ଯେଉଁଠି କବି ଲେଖିଛନ୍ତି, '... ମୋ ରାଜ୍ୟର ସୁନାର ମହଲ / ଏବେ ବି ଅପେକ୍ଷାରେ ତା ପାଟରାଣୀକୁ / ତୁମେ କିନ୍ତୁ କାମନାର ନାୟିକା / ସଜେଇଛ ଅନ୍ୟର ଶେଯକୁ...' । ଏହି କବିତାରେ ଅପ୍ରାପ୍ତିର କଥାକୁ

ସୁନ୍ଦର ଭାଷାରେ କହବାର ସଫଳ ପ୍ରୟାସ କରାଯାଇଛ । ଅତ ସରଳ ଆଉ ସୁନ୍ଦର ଭାଷାରେ କବ ଜଣାଇଛନ୍ତ ଯେ ମନ୍ଦିର ଅଛ କନ୍ତୁ ତାହା ଦେବୀ ଶୂନ୍ୟ, ଚଉରା ଅଛ କନ୍ତୁ ସେଠି ତୁଳସୀ ନାହିଁ, ସୁନାର ମହଲ ଅଛ ହେଲେ ପାଟରାଣୀ ନାହାନ୍ତ । ଏପର ଧାରାରେ ପ୍ରହେଳକା, ଅନ୍ୱେଷଣ, ରଞ୍ଜିତା, ପ୍ରତାରକା ଆଦ କବତାକୁ ରୂପରେଖ ଦଆଯାଇଛ ।




ସଂକଳନର ଅଠରତମ କବତା 'ହୃଦୟ'କୁ ଯଦ ଆମେ ଦେଖିବା ପ୍ରିୟ ଓ ପ୍ରିୟା ଭତରେ ଥିବା ଆବଳତାକୁ ଅତ ନଜର ସହ ଲେଖିଛନ୍ତ କବ ବେହେରା । ସେଥିରେ ଅଭୁଲା ବୟସରେ ସ୍ମୃତ ହଜଯିବାର, ପ୍ରେମକଥା ସବୁ ଭୁଲ୍ ହୋଇଯିବାର ଏବଂ ମନ କଥା ନ କହପାରବାର ପୀଡ଼ାକୁ ଅତ ନଖୁଣ ଭାବରେ ଶବ୍ଦ ଦଆ ଯାଇଛ । ସେଥିପାଇଁ କବ ଶବ୍ଦ ଦେଇଛନ୍ତ, '... ଯେତେ ମନ କଥା କହନ ପାରଲ / ଜୀବନ ପୃଷ୍ଠାରେ ଲେଖା ହୋଇଛ / ତୁମେ ଦେଖା ହେଲେ ଏକାନ୍ତ ପଢ଼ିବା / ମୋ ହୃଦୟର କଥା କହୁଛ ।' ବହର ଶିରୋନାମାକୁ ଯଥାର୍ଥ କରୁଥିବା କବତା 'ଏକା ଏକା' ପୃଷ୍ଠା ୫୪ରେ ସ୍ଥାନତ ହୋଇଛ । ଯାହା ଏହ ସଂକଳନର ଶ୍ରେଷ୍ଠ କବତା କହଲେ ଅତ୍ୟୁକ୍ତି ହେବ ନାହିଁ । କବତାରେ କବ କହଛନ୍ତ, '... ତୁମକୁ ବୁଝିପାରନ ବୋଲ ତ ରହଛ ମୁଁ ଏକା ଏକା / ତୁମକୁ ନାୟିକା କରଛ ବୋଲ ତ ରହଛ ମୁଁ ଏକା ଏକା / ତୁମକୁ ମୁକ୍ତା ମାଗିଛ ବୋଲ ତ ରହଛ ମୁଁ ଏକା ଏକା / ସ୍ମୃତରେ ଜଳବାକୁ ମୁଁ ରହଛ ଏକା ଏକା...' । ଏଠି ପ୍ରାଣପ୍ରିୟା ସାଜଛ ଏକ ଅବୁଝା ପ୍ରହେଳକା, ସାରକା, ଅଗଭୀର ସାଗରକା ଓ ସ୍ମୃତର ଶାମୁକା । କେବଳ 'ଏକା ଏକା' କବତାକୁ ଶ୍ରେଷ୍ଠ କହବା ଠିକ୍ ହେବନାହିଁ, ତାହା ସହ 'ତୃଷ୍ଣା, ମୁକ୍ତି, ନଜରତା, ପ୍ରହେଳକା, ଅନ୍ୟର, ସ୍ୱର୍ଶ, ହୃଦୟ ଆଦ କବତା ସଂକଳନକୁ ପ୍ରାଣବନ୍ତ କରଛ ଯାହା ସାଧାରଣ ପାଠକଟିଏ ମଧ୍ୟ ପଢ଼ିଲେ ପ୍ରଶଂସା ନ କର ରହପାରବ ନାହିଁ । ୫୫ଟି କବତାକୁ ନେଇ ପ୍ରସ୍ତୁତ ଏହ ସଂକଳନଟି କବଙ୍କର ପ୍ରଥମ କବତା ସଂକଳନ ବୋଲ ବଶ୍ୱାସ କରହୁଏନାହିଁ । ଧାରା

ଉନ୍ମୁକ୍ତ, ଗର୍ଭ ଭରି ଉନ୍ମୁକ୍ତ । ଯେଉଁମାନେ କହନ୍ତି ଆଧୁନିକ କବିତା ବୁଝି ହୁଏନାହିଁ, ସେମାନଙ୍କୁ କବି ବେହେରାଙ୍କ 'ଏକା ଏକା ହୃଦୟ' ଅବଶ୍ୟ ପଢ଼ିବା ଉଚିତ ।

ସଂକଳନଟିରେ ଏମିତି କେତେ ଶବ୍ଦ ସୁନ୍ଦର ଭାବେ ଯୋଡ଼ା ଯାଇଛି, ଯାହା ପରବର୍ତ୍ତୀ ସମୟରେ ପାଲଟିଛି ଅଭୁଲା କବିତା । ଏମିତି କେତେ ଉଦାହରଣ ମୁଁ ଏଠି ଉଲ୍ଲେଖ ନ କରି ରହି ପାରୁନି, ଯାହା ବିଦଗ୍ଧ ପାଠକଙ୍କ ମନରେ ଅନେକ ଦିନ ଧରି ଉଜ୍ଜୀବିତ ରହିବ । ଯେମିତିକି,

'... ତୁମେ ପରା କହିଥିଲ / ମୋ ବାହୁ ବନ୍ଧନୀ ତୁମ ପାଇଁ ଘର / ମୁକୁଳି ପାରିନି ତୁମେ ମୋ ସ୍ମୃତିରୁ / କେମିତି ହେଲି ମୁଁ ପର (କବିତା ଅନ୍ୟର)...' ।

'...ଦୀପଟିଏ ଜାଳି ତୁମ ବାଟକୁ ଗୁହିଁଛି / ଏ ଦୀପ କେବେ ବି ଲିଭିବ ନାହିଁ / ଯେଉଁ ସୂରୁଜକୁ ଖୋଜି ବାହାରିଛି / ସେ ଆଲୁଅ ଅନ୍ୟଠି ଦେଖିବ ନାହିଁ (କବିତା ଅନ୍ୱେଷଣ)...' ।

'...ମୁଁ ମହି ମହି ବାସୁଛି / ଏ ତୁମ ଆଲିଙ୍ଗନର ବାସ୍ନା / ତୁମେ ଯଦି ନିଃଶବ୍ଦରେ ଆସିନଥାନ୍ତି / ମୋର କି ମେଣ୍ଟିଥାନ୍ତା ତୃଷ୍ଣା (କବିତା ତୃଷ୍ଣା)...' ।

'...ଫଗୁଣର ନୁଆଁ ନୁଆଁ ମୁହଁ / ହଜେଇଛି ନିଜକୁ ଭରା ଯୌବନରେ / ପ୍ରଥମ ବର୍ଷାର ମାଟିଗନ୍ଧ ଆଉ ନାହିଁ / ତୁମେ ଗୁଲି ଗଲାପରେ (କବିତା ଫଗୁଣ)...' ।

'... ମନ ଯୌବନ ଏକ ଯଉଘର / ଜଳିଲେ ଲିଭିବ ନାହିଁ / ଥରଟିଏ ଆସି ଆପଣାର କୁହ / ଅତୀତ ଭୁଲିବି ମୁହିଁ (କବିତା ଅତୀତ)...' ।

'... ତୁମ ଗ୍ଭତିର କୋହ ଖସିପଡୁଛି ହୋଇ / ମୋ ଆଖିର ଲୁହ / ଅପେକ୍ଷାର ଯନ୍ତ୍ରଣା ଲାଗେ କେମିତି / କହିବି କେମିତି କୁହ (କବିତା କୋହ)...' ।

'... କେଉଁ ବନେ ହଜଗଲ / ତୁମେ ସ୍ମୃତିର ଶାମୁକା / ସେ ସ୍ମୃତିରେ ଜଳିବାକୁ / ରହିଛି ମୁଁ ଏକା ଏକା...'

ସମ୍ପୂର୍ଣ୍ଣା, ସାନିଧ, ଅନ୍ୱେଷଣ, ତୃଷ୍ଣା, ରଞ୍ଜିତା, ପୁଷ୍ପିତା, ପୂର୍ଣ୍ଣତା, ମଧୁମୟ, ନିଶବଦ, ଆଲିଙ୍ଗନ, ଅଗଭୀର, ମୁକୁଳା, ଜର୍ଜର, ସ୍ୱର୍ଶ, ସ୍ୱନ୍ଦନ, ଉଚ୍ଛନ୍ନ, ବାସ୍ନା, ଅଜର, ପ୍ରେମଚନ୍ଦ୍ର, ପ୍ରତିଛବି, ବସନ୍ତ,

ଅନୁରାଗ, ଅସ୍ତିତ୍ୱ, ନିରମାଖୀ, ଗ୍ଲାନି, ଜୁଇ ଆଦି ଅନେକ ଶବ୍ଦର ସମ୍ପୂର୍ଣ୍ଣ ସଂକଳନଟିରେ ଚମତ୍କାର ପ୍ରୟୋଗ କବିତା ସବୁର ଯଥାର୍ଥତା ଏବଂ ଭାବକୁ ପୂର୍ଣ୍ଣତା ଦେଇପାରିଛି । ସମସ୍ତ କବିତା ଆକାର କ୍ଷୁଦ୍ର କିନ୍ତୁ ତା ଭିତରେ ରହିଛି ଭାବନାର ଅଗଭୀର ସାଗର, ପାଇବାର ମୋହ, ହରେଇବାର ଆବିଳତା, ଭଲ ପାଇବାର ବିଶାଳତା, ଅପେକ୍ଷାର ଅନ୍ତହୀନ ସୀମା ।

କବି ଶ୍ରୀ ଭାଗିରଥୀ ବେହେରାଙ୍କ ଜନ୍ମ ଗଞ୍ଜାମ ଜିଲ୍ଲାର ସାହିତ୍ୟ ସଂସ୍କୃତିର ଗାଁ ଲଙ୍ଗଳେଶ୍ୱର ଠାରେ ମଇ ୧୨ ତାରିଖ ୧୯୮୭ ମସିହାରେ ପିତା କପିଳ ବେହେରା ଏବଂ ମାତା ରୁକ୍ମଣୀ ଦେବିଙ୍କ ଔରସରୁ ହୁଏ । ପିତା ଜଣେ ପ୍ରସିଦ୍ଧ ପାଲା ଗାୟକ ଏବଂ ପରିବାରରେ କବି ଓ କଳାକାରଙ୍କ ବାହୁଲ୍ୟତା କବିଙ୍କ ଉପରେ ପ୍ରଭାବ ପକାଏ । ପିଲାଦିନରୁ କବିତା ପ୍ରତି ତାଙ୍କର ଆଦର ରହି ଆସିଛି । ଗାଁର ମନୋରମ ଦୃଶ୍ୟ, ଗୋଧୂଳିର ଲାଲିମା, ଚିଲିକାର ବିଶାଳ ଢେଉଭରା ଜଳରାଶି, ପକ୍ଷୀମାନଙ୍କ କାକଳି, ଶାଳିଆ ନଈର ସୁଅ ଏବଂ ଭାଲେରୀ ପାହାଡ଼ର ସବୁଜ ବନାନୀ କବିଙ୍କ ପ୍ରତିଭା କୁ ଦେଇଛି ନବଦିଗନ୍ତ । କବିତାରେ ଅଗଣା ମାଟିର ଚଉରା, କେଉଁ ବନେ ହଜିଗଲି, ଝାପ୍ସା ଝାପ୍ସା ପାହାଡ଼, ଜହ୍ନ ରାତି, ମହି ମହି ବାସ୍ନା, ଅଗଭୀର ଫୁଲୁଫୁଲିଆ ନଈ, ଗଛ ସାରା ଚଢ଼େଇ ବସା, ସବୁଜିମହୀନ ପତ୍ର, ମେଘାଚ୍ଛନ୍ନ ଆକାଶ ମଧୁକଢ଼ା ଫଣା, ଅସଜଡ଼ା ଭୂମି, ଧୁ ଧୁ ଖରା, ଦାଣ୍ଡସାରା ହୁରି ଆଦିର ବ୍ୟବହାର ତାର ପ୍ରତ୍ୟକ୍ଷ ଉଦାହରଣ ।

୫୫ଟି କବିତାକୁ ୬୮ ପୃଷ୍ଠାରେ ବାନ୍ଧି ଆଧୁନିକ କବିତାର ଏକ ନୂତନ ସମ୍ଭାବନାକୁ ଜନ୍ମଦେଇଛନ୍ତି କବି ଶ୍ରୀ ବେହେରା । ପ୍ରକାଶନ ଦାୟିତ୍ୱରେ ଅଛନ୍ତି ଅନ୍ନପୂର୍ଣ୍ଣା ପ୍ରକାଶନୀ, ବ୍ରହ୍ମପୁର । ସଂକଳନର ମୂଲ୍ୟମାତ୍ର ଷାଠିଏ ଟଙ୍କା । ପରିଶେଷରେ କବି ଶ୍ରୀ ଭାଗିରଥୀ ବେହେରାଙ୍କ କାବ୍ୟ ଭଣ୍ଡାର ଆହୁରି ସୁଦୃଢ଼ ହେଉ ଏତିକି ହିଁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

ମାର୍ଫତ - ଲଛମନ ବେହେରା,
ମାଳୀସାହି, ଆଙ୍କୁଲି,
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ୍ - ୭୭୪୯୯୮୪୩୩୩

# ଅନାବନା ?

ଅନୁପମ ବେହେରା



୧. ଅନା :ହଇରେ ବନା ! କହିଲୁ ଦେଖି ଯଦି ସମୁଦ୍ର ପାଣି ଲୁଣିଆ ନ ହୋଇ ମଧୁର ହୋଇଥାନ୍ତା ତାହେଲେ କ'ଣ ହୋଇଥାନ୍ତା?

ବନା :ସେଥିରେ ପିମ୍ପୁଡି ଲାଗିଯାଇଥାନ୍ତେ ।

୨. ଅନା ଦୌଡି ଦୌଡି ଆସି ପହଞ୍ଚିଲା ବନା ର ଜଳଖିଆ ଦୋକାନରେ । ଅନା: ଆରେ ବନା ! ଦେଲୁ ଦୁଇଟା ମୂଷା ମରା ।

ବନା: ତୁ କଣ ପାଗଳ ହେଇଗଲୁ କିରେ ? ? ଏଠି ବିଷ ନୁହେଁ ଖାଦ୍ୟ ମିଳେ ।

ଅନା: ହାଃ... ହାଃ... ଆରେ ବନା । ମୁଁ ମୋ ପେଟ ଭିତର ମୂଷାଙ୍କୁ ମାରିବା ଔଷଧ ମାଗୁଛି ।

୩. ଅନା (ଫୋନ୍‌ରେ): ସେପଟେ ପାଗ କେମିତି କିରେ, ବନା ?

ବନା : କହନି ରେ ଭାଇ । ବହୁତ ଗରମ । ବର୍ଷା ଜମାରୁ ନାହିଁ ।

ଅନା : ବର୍ଷା ଆଉ ଥାଆନ୍ତା କି ? ? ସେ ତ ଅନୁଭବ ପାଖରେ ।

ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବ୍ୟଙ୍ଗକବି ମିଷ୍ଟର୍. ଅସମ୍ଭାଳ (କୁତୁକୁତୁ)



କି କଥା...!!(୫୧)

## ସାରଥି.....!!!

କୃଷ୍ଣ ଦ୍ୱାପର'ର ପାର୍ଥ-ସାରଥି କୁ,
ମୁଁ କଳିଯୁଗି ସାରଥି...
ସିଏ କୁରୁକ୍ଷେତ୍ରେ ଗୀତା ଝାଡ଼ିଥେଲେ,
ମୁଁ ପ୍ରବୋଚନ ଦଉଛି..!!
କୃଷ୍ଣିଆଁ ଟା ଯଦି ରଥ-ଟଣା ଠାରୁ,
କେଳି କରିଥେଲା ବେଶି..
ମୁଁ ଗୋଟେ ଫାଳେ ଷ୍ଟେଫିନି ରଖିଲେ,
କଣ୍ ଭାସିଗଲା;
ମତେ ଭସଉଛ ଏଠି..!!!
ସିଏ କୃଷ୍ଣ ଥେଲା, ମେତେ ଯଦି ତେମେ,
କୃଷ୍ଣ ଅବତାରୀ ଭାବୁଛ...
ଆନନ୍ଦେକବାର ହରିବୋଲ ଦେଇ,
ପଦ-ଧୂଳି ନିଅ;
ଲେଙ୍ଗୁଟି କିଆଁ ମୋ ଭିଡୁଛ.!!!
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍. ଅସମ୍ଭାଳ (କୁତୁକୁତୁ)




କି କଥା..!!(୫୨)

## ବାଜି-ବାଜି ବାଆ..ଜୀ...!!!

ଆହା'କି ସୁନ୍ଦର ପ୍ରବୋଚନ ତୁମ,
ଓଡ଼ି-ହିନ୍ଦୀ-ବଙ୍ଗ ଫେଣ୍ଟା-ଫେଣ୍ଟି...
କେଡ଼େ ଶରଧା'ରେ ଶୁଣୁଥେଲେ ତାକୁ,
ସାଗୁଲା ଭକତ କୋଟି-କୋଟି..!!
Email: mr.asambhalakutukutu@gmail.com
ତୁମ ମହିମା'ରେ ଦୁଧ ଦଉଥେଲା,
କୁଆଡ଼େ ସିମିଣ୍ଟି ଷଣ୍ଢ...
ବରଷକେ ପେଲା ବେଇ ଦଉଥେଲା,
ବନ୍ଧ୍ୟା ହେଉ ପଛେ ରାଣ୍ଡ..!!
Email: mr.asambhalakutukutu@gmail.com
ବାବା ହେ, ଇଏ କି କଲ...!!???
ଏ କଳି-କାଳ'ର କୃଷ୍ଣ ଅବତାରୀ,
ପଦୁଆଁ ଦିହ'ରେ ଗୀତ ନେଖୁ-ନେଖୁ;
କଲମ ହଜେଇ ଦେଲ....!!!!
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍. ଅସମ୍ଭାଳ (କୁତୁକୁତୁ)


ବି.ଦ୍ର. ଓଡ଼ି-ହିନ୍ଦୀ-ବଙ୍ଗ ଫେଣ୍ଟା-ଫେଣ୍ଟି = ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ରିମିକ୍ସ
ବେଇ ଦଉଥେଲା = ଜନମ କରୁ ଥିଲା



କି କଥା..!!(୫୩)

## ବାବା-ରାଜ୍ {ସତ୍ୟଯୁଗ ଆଗମନର ପୂର୍ବାଭାସ}

ଗୁରୁ କହିଥେଲେ, କଳି-ନାଶ ହେବ,
ବବା'ଏ କରିବେ ରାଜୁତି..
କହ୍ନେଇ ସାଙ୍ଗରେ ଭୋଲାବାବା ରାଜ୍,
ବ୍ରହ୍ମା-ବାବା ଖୋଜା ଚାଲିଛି..!!
କେନ୍ଦ୍ରାପଡ଼ା'ରେ କୃଷ୍ଣ-କେଳି-କୁଞ୍ଜ,
କୋଣାର୍କ'ରେ ଷଣ୍ଢ ମାତିଛି..
Email: mr.asambhalakutukutu@gmail.com
ଏଇ ଅସମ୍ଭାଳ ବସି ଭାବୁଛି.....
ବ୍ରହ୍ମା-ବାବା ଯେବେ ପ୍ରଘଟ ହୋଇବେ,
ଧରଣୀ ଯିବ'କି ଲେଉଟି..
ସତ୍ୟଯୁଗ କାଳେ ନବୀନା ମୁକୁଟେ,
ଆସିବା ସଙ୍କେତ;
ମୁଥ ମାରି ମାରି ଦଉଛି...!!!!
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍ ଅସମ୍ଭାଳ...





କି କଥା...!!(୫୪)

## ବେତାଳିଆ ବଇଁଶୀ....!!

କୃଷ୍ଣିଆଁ ଟା ଛତରା କୁ,
ରାଧିକା ଯେ ଅଠର.. {ଅଠର=>ଛଅ x ତିରି=ଛତରୀ}
ବୁଡ଼ି-ବୁଡ଼ି ଯମୁନା'ରେ,
ଢାଳୁଥେଲେ ଅତର...!!
ବାସନା କୁ ବାରି କାହ୍ନୁ,
କଳା-ନାଗ ଆଇଲା..
ଅବେଳିଆ ଅଥାନିଆ,
ଦିହିଁ ଙ୍କୁ ସେ ଦଂଶିଲା..!!
ନାଗପାଶେ ଦୁଇ ଦିହ,
ବନ୍ଧା ହେଇ ପଡ଼ିଛି..
ଝୁରି ହେଇ ରାଧା ମହୁ,
କୃଷ୍ଣ ଘିଅ ଢ଼ାଳୁଛି..!!
କହ୍ନେଇ ବଇଁଶୀ ଆଉ,
ବାଜୁନାହିଁ ଆଗ ଭେଳି;
ବେତାଳିଆ ବାୟୁ ଯାହା,
ପଛ ବାଟି ବହୁଛି....!!!!
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍ ଅସମ୍ଭାଳ........


କି କଥା..!!(୫୫)
"ଥୁଲ୍ଲୁ"- ଥେଲା, ଅଛି, ରହିବ...!!
ନାଁ ମୋର ସିନା ସନ୍ତୋଷିଆ ହେଲେ,
ସାଙ୍ଗିଆ ଟା ପରା ରାଉଳ..
ମାଣକ'ରେ ପାଏ ଗୋଟା ପଣେ ଦାନା,
ତିନି-ପା ମଲୁଖ ଚାଉଳ..!!
ପୋଷା-ଭୁଆ ଥେଲି ମାହାପୁରୁ କହି,
ଚଖେଇଲ କଞ୍ଚା ମାଉଁସ..
ଆଜି ଯଦି ପାଟି ଆଇଁସ ଖୋଜିଲା,
ଦେଇ ଦବା କଥା;
କୁନ୍ଥେଇ କାହିଁକି ହଉଛ..!!
ଶ୍ରଦ୍ଧାଳୁ ଭକତ ଦ୍ୱିଧା ଛାଡ଼ି ମନୁ,
ବାବା ବେଲି ମେତେ ଭଜରେ..
ଚଉଠି ରାତିରେ କାମନା'କୁ ତେଜି,
ଭାରିଯା ମୋ ପାସେ ଭେଜରେ..!!
ଖିର ଦୁହୁଁଥେଲି, ଘିଅ ବୋହେଇବି,
ବୃଷଭ ଅଥାନୁ;
ଅନନ୍ତ-ଶୟନ ସେଜରେ..!!
କାଲି ଥେଲା ଆଜି ଅଛି କାଲି ଥେବ,
ମୁକ୍ତି ଏଇ ଥୁଲ୍ଲୁ ଭିତେରେ..!!!!
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍ ଅସମ୍ଭାଳ.....
(Kutukutu)
Ha..ha..
Mr. Asambhaala.


କି କଥା..!!(୬୦)
ବାବାଜୀଆ ବର୍ଣ୍ଣବୋଧ...!!
ବାବାଜୀ ହେ ତୁମ "ବା" ରୁ ବ୍ରହ୍ମାଣ୍ଡ,
"ବା" ରୁ ବିଭୂତି;
"ବା" ରୁ ବାଳକ ବାଳିକା..
"ବା" ବୈଜ୍ଞାନିକ ପ୍ରଣାଳୀ'ରେ କର,
"ବା" କୃପା-ବାରି ବରଷା..!!
"ବା" ବାଳ-ମୂଳେ ଘଣ୍ଟି-ନାଦ କର,
"ବା" ବାୟୁ-ବାଟ ଉପେରେ..
"ବା" ରେ ବରଫ ଉପରକୁ ଖାଲି,
ବାଙ୍ମମୟ ତୁମ ଭିତେରେ..!!
ସାଗୁଲା ଭକତ "ଜୀ" ଯୋଡ଼େ ସିନା,
ତୁମରି ଡାହାଣ ପାଖେରେ..
"ଜୀ" ଜ୍ଞାନ ତୁମ ଲୋକ ଦେଖାଣିଆ,
ହେଲେ ତୁମ "ଜୀ", ଅସଲ ଲୀଳା ଟା,
ସେଇ "ହାହାକାର" ପାଖେରେ..!!!!
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍ ଅସମ୍ଭାଳ....
(Kutukutu)
Ha..ha..
Mr. Asambhaala.


କି କଥା...!!(୫୩)
ବାବା ତୁମ ଲାଠିରେ..!!
ବାଃ ବାଃ ବାବା ତୁମ ଲାଠିରେ....
ଏତେ ଯେ ପାବାର୍ ଅଛି ବେଲି ତେମେ,
ପ୍ରୁଭ୍ କରି ଦେଲ ସତରେ...!!
ତୁମରି ଲାଠି କୁ ସଲାମ୍ କରିକି,
ମଲିକା ପେଇଲା ଲସି..
ମିଶାଣ ଫେଡ଼ାଣ ହରଣ ଗୁଣନେ,
ମାନି ଗଲା ମଲ୍ଲୀ;
ଦୋଷ ତୁମ ନାହିଁ କିଛି...!!
ବାଃ ବାଃ ବାବା ତୁମ ଲାଠିରେ...
ଏଗାର ପ୍ଲାଟୁନୁ ପୁଲିଶି ଛେଚିଲେ,
ଅଦା ଜନତାଙ୍କ ପିଠିରେ..
ନେତା, ଜିଲ୍ଲାରକ୍ଷୀ, ଏସ୍.ପି. ସମିସ୍ତେ,
ଘିଅ ଘସୁଥେଲେ ସେଥିରେ...!!
ଏବେ ଲାଠି ସି.ବି.ଆଇ. ହାତରେ...
ସେଇ ଲାଠି ଏବେ ସୁଖା ଗଳିଗଲା ,
ତୁମ ଅଥାନିଆ ବାଟେରେ....!!!
ବାଃ ବାଃ ବାବା ତୁମ ଲାଠିରେ...
ହାଃ..ହାଃ...ହାଃ....!!!!
ବ୍ୟଙ୍ଗକବି ମିଷ୍ଟର୍. ଅସମ୍ଭାଳ (କୁତୁକୁତୁ)
(Kutukutu)
Ha..ha..
Mr. Asambhaala.

ଆହ୍ୱାନର ଆଗାମୀ ସଂସ୍କରଣ ଅକ୍ଟୋବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୦୧, ଓଡ଼ିଶା
ଫୋନ : ୯୦୪୦୯୮୫୪୭୩ / ୯୮୬୧୯୭୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ୍ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**https://www.facebook.com/odiaparibar**

**ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ**

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।